## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یَّعۡصِ اللّٰہَ وَرَسُوۡلَہٗ
وَیَتَعَدَّ حُدُوۡدَہٗ یُدۡخِلۡہُ
نَارًا خَالِدًا فِیۡہَا ۪
وَلَہٗ عَذَابٌ مُّہِیۡنٌ ○ (النساء:15)

ଅନୁବାଦ- ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କୁ ଅବଜ୍ଞା କରେ ଏବଂ ତାହାଙ୍କର (ନିର୍ଦ୍ଧାରିତ) ସୀମା ଲଙ୍ଘନ କରେ ତାହାକୁ ସେ (ନରକ) ଅଗ୍ନିରେ ପ୍ରବେଶ କରାଇବେ ଯହିଁରେ ସେ ବହୁକାଳ ବାସ କରିବ; ଏବଂ ତା' ପାଇଁ ଅପମାନଜନକ ଶାସ୍ତି (ନିୟତ) ଅଛି ।

*(ଆଲେ ଇମରାନ୍: ୧୫)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 27

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

02 ଜୁଲାଇ 2020 | 02 ଓଫା 1399 ହି.ଶ | 10 ଜୁଲ୍‌କାଦାଃ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ମୁଁ ଇସ୍‌ତିକାମତ୍‌କୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ବୋଲି ଦର୍ଶାଇଛି । ଇସ୍‌ତିକାମତ୍‌ର ଅର୍ଥ କଣ ? ଯେତେବେଳେ ସବୁକିଛି ସଠିକ୍ ଓ ଯଥା ସ୍ଥାନରେ ରହିଥାଏ ତାହାକୁ ଇସ୍‌ତିକାମତ୍ କୁହାଯାଏ ।**

**ଅତଏବ୍ ମୁଁ ଚାହୁଁଛି ଯେ ତୁମେ ଇସ୍‌ତିକାମତ୍ (ଅର୍ଥାତ ସ୍ଥିରତା) ହାସଲ କରିବାକୁ ଚେଷ୍ଟା କର ଏବଂ ତପସ୍ୟା ଓ ପରିଶ୍ରମ କରି ତାକୁ ପାଅ । କାରଣ ସେ ମନୁଷ୍ୟକୁ ଏପରି ସ୍ଥାନରେ ପହଂଚାଇ ଦିଏ ଯେଉଁଠି ତା'ର ଦୁଆ ଗ୍ରହଣୀୟ ହୋଇଥାଏ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

### ଇସ୍‌ତିକାମତ (ଅର୍ଥାତ ସ୍ଥିରତା) ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ନାମ

ମୁଁ ମଧ୍ୟ ସେହି ସ୍ଥିରତା କୁ ବ୍ୟାଖ୍ୟା କରିବାକୁ ଚାହୁଁଛି, ଯାହା ସମ୍ବନ୍ଧରେ ମୁଁ ପୂର୍ବରୁ ଚର୍ଚ୍ଚା କରିଥିଲି । ଯାହାକୁ ସୁଫିମାନେ ନିଜ ଭାଷାରେ **ଫନା** କହିଥାନ୍ତି ଏବଂ **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍**ର ଅର୍ଥ ମଧ୍ୟ ସେମାନେ **ଫନା** କହିଥାନ୍ତି । ଏହାର ଅର୍ଥ ହେଉଛି ମନୁଷ୍ୟର ଆତ୍ମା, ଉତ୍ସାହ ଏବଂ ଇଚ୍ଛା ଯାହା ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କୁ ସମର୍ପିତ ହେଉ ଏବଂ ମନୁଷ୍ୟର ଭାବନା ଓ ଆଭ୍ୟନ୍ତରୀଣ ଇଚ୍ଛା ସମ୍ପୂର୍ଣ୍ଣ ରୂପେ ମରିଯାଉ । କେତେକ ଲୋକେ ସର୍ବଶକ୍ତିମାନ ଅଲ୍ଲାଃଙ୍କର ଇଚ୍ଛାକୁ ନିଜର ଇଚ୍ଛା ଓ ଅଭିଳାଷା ଉପରେ ଅଗ୍ରାଧିକାର ଦିଅନ୍ତି ନାହିଁ, ସେମାନେ ଅଧିକାଂଶ ସମୟ ସାଂସାରିକ ଉତ୍ସାହ ଓ ଇଚ୍ଛାରେ ଅସଫଳ ହୋଇ ଏ ସଂସାର ଛାଡ଼ି ଚାଲିଯାଇଥାନ୍ତି । ଆମ ସ୍ୱର୍ଗତ ଭାଇ ମିର୍ଜା ଗୁଲାମ୍ କାଦିର୍ ପ୍ରାୟତଃ ଆଇନିଗତ ମକଦ୍ଦମା ସହିତ ଜଡ଼ିତ ରହନ୍ତି । ସେ ସର୍ବଦା ଏତେ ବ୍ୟସ୍ତ ଓ ଅବଶୋଷିତ ରୁହୁଥିଲେ ଯେ ପରିଶେଷରେ ଏହି ମକଦ୍ଦମାବାଜି ତାଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଲା ଫଳତଃ ତାଙ୍କର ଦେହାନ୍ତ ହୋଇଗଲା । ସେହିପରି ଅନେକ ଲୋକଙ୍କୁ ମୁଁ ଦେଖିଛି ଯେଉଁମାନେ ନିଜର ଇଚ୍ଛା ଓ ଉଦ୍ଦେଶ୍ୟକୁ ପରମେଶ୍ୱରଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦେଇଥାନ୍ତି । ପରିଶେଷରେ ସେମାନେ ନିଜର ଅନ୍ତର୍ନିହିତ ଇଚ୍ଛାର ଉଦ୍ଦେଶ୍ୟ ହାସଲ କରିବାରେ ବିଫଳ ହୋଇଥାନ୍ତି, ଯାହାକୁ ସେମାନେ ପ୍ରାଧାନ୍ୟ ଦେଇଥିଲେ ଏବଂ ଲାଭ ପାଇବା ପରିବର୍ତ୍ତେ ଯନ୍ତ୍ରଣା ଭୋଗିଥାନ୍ତି । ଇସ୍‌ଲାମ୍ ଉପରେ ଯଦି ଅଧ୍ୟୟନ କରିବେ ତେବେ ଏହା ଜାଣିପାରିବେ ଯେ ବିଫଳତା କେବଳ ମିଥ୍ୟା ଉପରେ ପରିଚାଳିତ ହେବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଯେତେବେଳେ ଅଲ୍ଲାଃଙ୍କ ପ୍ରତି ବିମୁଖ ହୋଇଥାନ୍ତି, ସେତେବେଳେ ଅଲ୍ଲାଃ ତାଲାଙ୍କ କ୍ରୋଧ ଅବତୀର୍ଣ୍ଣ ହୋଇଥାଏ ଯାହା ତାଙ୍କୁ ଅସଫଳ କରିଦେଇଥାଏ । ବିଶେଷରୂପେ ଯେଉଁ ଲୋକମାନେ ବୁଦ୍ଧି ଓ ବିବେକ ରଖିଛନ୍ତି, ସେମାନେ ଯେବେ ସାଂସାରିକ ଇଚ୍ଛା ଓ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ନିଜର ସମସ୍ତ ଶକ୍ତି ଖଟାଇ ସଂସାର ପ୍ରତି ଆକର୍ଷିତ ହୋଇଥାନ୍ତି ସେତେବେଳେ ଅଲ୍ଲାଃ ତାଲା ସେମାନଙ୍କୁ ଅସଫଳ କରିଦେଇଥାଏ । କିନ୍ତୁ ପୂଣ୍ୟବାନ ଲୋକେ ସେହି ପବିତ୍ର ସିଦ୍ଧାନ୍ତକୁ ସମ୍ମୁଖରେ ରଖିଥାନ୍ତି ଯାହା ହେଉଛି ମୃତ୍ୟୁ ବିଷୟରେ ସଚେତନ ହେବାର ଅନୁଭବ । ସେ ଏକଥା ଭାବିଥାଏ ଯେ ଯେଉଁଭଳି ମାଆ ବାପାଙ୍କର ଦେହାନ୍ତ ହୋଇଯାଇଛି ବା ଯେଉଁଭଳି ପରିବାରର କୌଣସି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଅଛି ସେହିପରି ଦିନେ ମୁଁ ମଧ୍ୟ ମୃତ୍ୟୁର ସମ୍ମୁଖିନ ହେବି ଏବଂ ବେଳେବେଳେ ନିଜ ବୟସ ବଢ଼ିବାର ଦେଖି ଅର୍ଥାତ ବୃଦ୍ଧାବସ୍ଥା ଆସିଯାଇଛି ଓ ମୃତ୍ୟୁର ଦିନ ନିକଟତର ତେଣୁ ଖୁଦାତାଲାଙ୍କ ଆଡ଼କୁ ସେ ଲେଉଟିଥାଏ ।..............

ଅତଏବ ଏ କଥାକୁ ଖୁବ୍ ମନେରଖିବା ଉଚିତ ଯେ ଶେଷରେ ଦିନେ ନା ଦିନେ ଏ ସଂସାର ଓ ତାହାର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଛାଡ଼ି ଚାଲିଯିବାକୁ ହେବ । ତେବେ ପୁଣି ମଣିଷ ସେହି ସମୟ ଆସିବା ପୂର୍ବରୁ ଏହି ସୁଖ ସ୍ୱାଚ୍ଛନ୍ଦ୍ୟକୁ ହାସଲ କରିବାର ଅନୁଚିତ ମାର୍ଗକୁ କାହିଁକି (ନ) ଛାଡ଼ି ଦେବ । ମୃତ୍ୟୁ ବଡ଼ ବଡ଼ ସଦାଚାରୀ ଓ ପ୍ରଶିଦ୍ଧି ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଛାଡ଼ି ନାହିଁ ଓ ସେ (ଅର୍ଥାତ ମୃତ୍ୟୁ) ଯୁବକମାନଙ୍କୁ ବା ବଡ଼ ବଡ଼ ଧନଶାଳୀ ବ୍ୟକ୍ତିମାନଙ୍କୁ ଓ ପୂଣ୍ୟବାନ ମାନଙ୍କର ପରବାଏ କରେ ନାହିଁ । ତେବେ ପୁଣି ତୁମକୁ କାହିଁକି ଛାଡ଼ିବ ।............ ଅସ୍ଥାୟୀ ଓ ମନଗଢ଼ା ଖୁସି ଏବଂ ଆନନ୍ଦ ପାଇବା ପାଇଁ ଯେଉଁ ପ୍ରୟାସ ରହିଛି ସେଥିପାଇଁ ଏହି ମଣିଷ କେତେ ଦୁଃଖ କଷ୍ଟ ଉଠାଉଛି କିନ୍ତୁ ଖୁଦାତାଲାଙ୍କ ମାର୍ଗରେ ଅଳ୍ପ ଟିକିଏ କଷ୍ଟକୁ ଦେଖି ମଧ୍ୟ ବ୍ୟତିବ୍ୟସ୍ତ ହୋଇଯାଉଛି ଓ ଅଲ୍ଲାଃଙ୍କ ବିଷୟରେ କୁଧାରଣା ମନରେ ଆଣୁଛି । କାଳେ ଯଦି ସେ ଏହି ଅସ୍ଥାୟୀ ଆନନ୍ଦର ମୁକାବିଲାରେ ଏହି ଚିରସ୍ଥାୟୀ ଖୁସିକୁ ଜାଣିପାରନ୍ତା । ଏହି ଅସୁବିଧା ଓ ଦୁଃଖକଷ୍ଟ ଉପରେ ବିଜୟ ପ୍ରାପ୍ତ କରିବାପାଇଁ ଏକ ପୂର୍ଣ୍ଣ ଓ ନିର୍ଭୁଲ୍ ଉପଶମ ମହଜୁଦ୍ ଅଛି ଯାହା କୋଟି କୋଟି ଧାର୍ମିକ ଲୋକମାନଙ୍କ ଦ୍ୱାରା ପରିକ୍ଷିତ । ଏହି ଉପଶମ କଣ ? ଏହା ହେଉଛି ନମାଜ ।

ନମାଜ କଣ ? ଏହା ଏକ ପ୍ରକାର ପ୍ରାର୍ଥନା ଯାହା ମଣିଷକୁ ସମସ୍ତପ୍ରକାରର ଖରାପ କାର୍ଯ୍ୟରୁ ଓ ଅଶ୍ଳୀଳତାରୁ ସୁରକ୍ଷିତ ରଖି ଐଶି ପୁରସ୍କାର ପାଇବାର ଅଧିକାରୀ କରାଇଦିଏ । କୁହାଯାଇଛି ଯେ ଅଲ୍ଲାଃ ହେଉଛି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ନାମ । ଅଲ୍ଲାଃ ତାଲା ଅନ୍ୟ ସମସ୍ତ ବିଶେଷଗୁଣକୁ ତା ଅଧିନରେ ରଖିଛନ୍ତି । ଏବେ ଟିକିଏ ଚିନ୍ତା କର । ନମାଜ୍‌ର ଆରମ୍ଭ ଅଜାନ୍‌ରୁ ହିଁ ହୋଇଥାଏ । ଅଜାନ ଅଲ୍ଲାଃହୁ ଅକ୍‌ବର୍ (ଅର୍ଥାତ ଅଲ୍ଲାଃ ହିଁ ସମସ୍ତଙ୍କଠାରୁ ବଡ଼)ରୁ ଆରମ୍ଭ ହୋଇଥାଏ । ଅର୍ଥାତ ଅଲ୍ଲାଃଙ୍କ ନାମରୁ ଆରମ୍ଭ ହୋଇ **ଲା ଇଲାହା ଇଲ୍ଲଲ୍ଲାହୁ** ଅର୍ଥାତ ଅଲ୍ଲାଃଙ୍କଠାରେ ହିଁ ଶେଷ ହୋଇଥାଏ । ଏ ସୌଭାଗ୍ୟ ଇସ୍‌ଲାମୀୟ ଉପାସନାରେ ହିଁ ନିହିତ ଅଛି ଯେ ଏହାର ପ୍ରାରମ୍ଭ ଓ ଶେଷ ଉଦ୍ଦେଶ୍ୟ ହେଉଛି ଅଲ୍ଲାଃ ଆଉ କିଛି ନୁହେଁ । ମୁଁ ଆତ୍ମ ବିଶ୍ୱାସରେ କହିପାରେ ଯେ ଏହି ପ୍ରକାର ଉପାସନା ଅନ୍ୟ କୌଣସି ଧର୍ମ ବା ଜାତିରେ ନାହିଁ । ଅତଏବ ନମାଜ ଯାହା ହେଉଛି ଏକ ପ୍ରାର୍ଥନା ଓ ସେଥିରେ ଅଲ୍ଲାଃଙ୍କୁ ପ୍ରାଥମିକତା ଦିଆଯାଇଅଛି, ଯାହା ହେଉଛି ଖୁଦାତାଲାଙ୍କ **ଇସ୍‌ମେ ଆଜମ୍** (ଅର୍ଥାତ ସର୍ବଶ୍ରେଷ୍ଠ ନାମ) । ସେହିପରି ମଣିଷର ଇସ୍‌ମେ ଆଜମ୍ ହେଉଛି ଇସ୍‌ତିକାମତ ଅର୍ଥାତ ସ୍ଥିରତା ।

ଇସ୍‌ମେ ଆଜମ୍‌ର ଅର୍ଥ ହେଉଛି ଏହା କି ଯେଉଁ ଉପାୟ ଦ୍ୱାରା ମାନବିକତାର ଉତ୍କର୍ଷତା ହାସଲ କରାଯାଇପାରେ । ଅଲ୍ଲାଃ ତାଲା ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ (ଅର୍ଥାତ ହେ ଅଲ୍ଲାଃ ଆମକୁ ସିଧା ମାର୍ଗ ବତାଅ)ରେ ଏଥିପ୍ରତି ସୂଚିତ କରିଛନ୍ତି । ଆଉ ଏକ ସ୍ଥାନରେ ସେ କହୁଛନ୍ତି: **ଅଲ୍ଲଜିନା କାଲୁ ରବ୍‌ବୁନଲ୍ଲାହୁ ସୁମସ୍‌ତକାମୁ ତତନଜ୍ଜଲୁ ଆଲୈହିମୁଲ୍ ମଲାଇକତୁ ଅଲ୍‌ଲା ତଖାଫୁ ଓ୍ୱଲା ତହ୍‌ଜନୁ** (ହାମିମ୍ ସଜ୍‌ଦାଃ:୩୧) ଅର୍ଥାତ ଯେଉଁମାନେ କୁହନ୍ତି ଆମର ପ୍ରଭୁ ହେଉଛନ୍ତି ଅଲ୍ଲାଃ ଏବଂ ତା'ପରେ ସ୍ଥିର ରୁହନ୍ତି, ସ୍ୱର୍ଗଦୂତମାନେ ସେମାନଙ୍କ ଉପରେ ଅବତୀର୍ଣ୍ଣ କରି କହନ୍ତି: ଭୟ କରନାହିଁ କି ଦୁଃଖ କର ନାହିଁ । ଅନ୍ୟ ଅର୍ଥରେ ଯେଉଁ ଲୋକମାନେ ଅଲ୍ଲାଃଙ୍କ ଈଶ୍ୱରତ୍ୱ ଅଧିନରେ ଆସିଯାଇଛନ୍ତି ଏବଂ ତାହାଙ୍କ ସର୍ବଶ୍ରେଷ୍ଠ ନାମ ସ୍ଥିରତା ଓ ଦୃଢ଼ତା (ଅର୍ଥାତ ଇସ୍‌ତିକାମତ୍) ତଳେ ଯେବେ ମାନବତାର ଡ଼ିମ୍ବ ରଖାଯାଏ, ସେତେବେଳେ ସେଥିରେ ଏହି ପ୍ରକାରର ଶକ୍ତି ଓ ସାମର୍ଥ୍ୟ ସୃଷ୍ଟି ହୋଇଯାଇଥାଏ ଯେ ଦେବଦୂତମାନଙ୍କର ଅବତରଣ ତା ଉପରେ ହୋଇଥାଏ ଓ କୌଣସି ପ୍ରକାରର ଭୟ ଓ ଦୁଃଖ ସେମାନଙ୍କୁ ଅନଭୁବ ହୋଇନଥାଏ । ମୁଁ ଇସ୍‌ତିକାମତ୍‌କୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ବୋଲି ଦର୍ଶାଇଛି । ଇସ୍‌ତିକାମତ୍‌ର ଅର୍ଥ କଣ ? ଯେତେବେଳେ ସବୁକିଛି ସଠିକ୍ ଓ ଯଥା ସ୍ଥାନରେ ରହିଥାଏ ତାହାକୁ ଇସ୍‌ତିକାମତ୍ କୁହାଯାଏ । ଉଦାହରଣ ସ୍ୱରୁପ ଦୂର ବିକ୍ଷଣ ଯନ୍ତ୍ରର ପାର୍ଟ ଗୁଡ଼ିକୁ ଯଦି ତା'ର ଅସଲ ସ୍ଥାନରୁ ବାହାର କରି ଅଲଗା ଅଲଗା ରଖାଯାଏ, ତାହା କାମ ଦିଏ ନାହିଁ । ଅତଃ **ଓଜ୍‌ଉଶ୍ ଶଇଏ ଫି ମହଲ୍ଲିହି** (ଅର୍ଥାତ ଜିନିଷକୁ ଯଥା ସ୍ଥାନରେ ରଖିବା) ର ନାମ ହେଉଛି ଇସ୍‌ତିକାମତ୍ ବା ଅନ୍ୟ ଅର୍ଥରେ ଜଣେ କହିପାରେ ଗୋଟିଏ ଜିନିଷର ପ୍ରାକୃତିକ ଅବସ୍ଥାର ନାମ ହେଉଛି ଇସ୍‌ତିକାମତ୍ । ଅତଏବ ଯେ ପର୍ଯ୍ୟନ୍ତ ମନୁଷ୍ୟର ସ୍ୱରୁପକୁ ଠିକ୍ ସେହିପରି ଅବସ୍ଥାରେ ନ ରଖାଯାଇଛି କିମ୍ବା ଠିକ୍ ସ୍ଥିତିରେ ନ ରଖାଯାଇଛି, ସେ ପର୍ଯ୍ୟନ୍ତ ସେ ନିଜ ଭିତରେ ଉତ୍ସୁକତା ସୃଷ୍ଟି କରିପାରିବ ନାହିଁ । ଦୁଆ କରିବାର ଶୈଳୀ ହେଉଛି ଏହା କି ଏହି ଦୁଇଟିଯାକ ମହାନ୍ ନାମ ଏକତ୍ର ହେବା ଜରୁରୀ ଏବଂ ସେ ଖୁଦାଙ୍କ ଆଡ଼କୁ ଅଗ୍ରସର ହେଉ ଅନ୍ୟ କାହା ଆଡ଼କୁ ଅଗ୍ରସର ନ ହେଉ । ତାହା ତା'ର ନିଜସ୍ୱ ଇଚ୍ଛା ଓ

ଆବେଗର ପିତୁଳା କାହିଁକି ନ ହେଉ । ଯେତେବେଳେ ଏପରି ଅବସ୍ଥା ଆସିଯାଏ ସେତେବେଳେ **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍** (ଅଲ୍‌ମୋମିନ୍ : ୬୧) ର ଆନନ୍ଦ ମିଳିଥାଏ । ଅତଏବ୍ ମୁଁ ଚାହୁଁଛି ଯେ ତୁମେ ଇସ୍‌ତିକାମତ୍ (ଅର୍ଥାତ ସ୍ଥିରତା) ହାସଲ କରିବାକୁ ଚେଷ୍ଟା କର ଏବଂ ତପସ୍ୟା ଓ ପରିଶ୍ରମ କରି ତାକୁ ପାଅ । କାରଣ ସେ ମନୁଷ୍ୟକୁ ଏପରି ସ୍ଥାନରେ ପହଂଚାଇ ଦିଏ ଯେଉଁଠି ତା'ର ଦୁଆ ଗ୍ରହଣୀୟ ହୋଇଥାଏ । ବର୍ତମାନ ଦୁନିଆରେ ଏମିତି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ଦୁଆ ଗ୍ରହଣୀୟ ନ ହେବାର ଆପତି ଅଭିଯୋଗ କରିଥାନ୍ତି । ତଥାପି ମୁଁ କହୁଅଛି ଯେ ପରିତାପର ବିଷୟ ହେଉଛି ଏହା କି ଯେ ପର୍ଯ୍ୟନ୍ତ ସେମାନେ ନିଜ ମଧ୍ୟରେ ଇସ୍‌ତିକାମତ (ସ୍ଥିରତା) ସୃଷ୍ଟି ନ କରିଛନ୍ତି, ସେ ପର୍ଯ୍ୟନ୍ତ ଦୁଆ ଗ୍ରହଣୀୟ ହେବାର ଆନନ୍ଦକୁ କିପରି ଅନୁଭବ କରିପାରିବେ ? ଦୁଆ ଗ୍ରହଣୀୟ ହେବାର ଲକ୍ଷଣ ଆମେ ଏହି ଦୁନିଆରେ ପାଇଥାଉ । ଇସ୍‌ତିକାମତ୍ ପରେ ମଣିଷର ହୃଦୟ ଭିତରେ ଏକ ଶୀତଳତା ଓ ଶାନ୍ତିର ପ୍ରଭାବ ପଡ଼ିଥାଏ । ଏପରି କି ଯେତେବେଳେ ଏପରି ବ୍ୟକ୍ତି ସ୍ପଷ୍ଟ ବିଫଳତା ଓ ନିରାଶାର ସମ୍ମୁଖିନ ହୋଇଥାନ୍ତି ସେତେବେଳେ ସେମାନଙ୍କର ହୃଦୟ ଜଳିଯାଏ ନାହିଁ । କିନ୍ତୁ ଦୁଆର ବାସ୍ତବିକତାଠାରୁ ଅପରିଚିତ ରହିବା କ୍ଷେତ୍ରରେ ଛୋଟିଆ ଛୋଟିଆ ଅସଫଳତା ମଧ୍ୟ ନର୍କର ଅଗ୍ନି ସଦୃଶ ହୃଦୟକୁ ଘୋଡ଼ାଇ ଦେଇଥାଏ ଫଳତଃ ଜଣେ ବ୍ୟକ୍ତି ଅତ୍ୟଧିକ ଅସ୍ଥିର ଓ ବିବ୍ରତ ହୋଇଯାଏ । ନିମ୍ନଲିଖିତ ପଦଟି ଏହା ସୁଚିତ କରୁଅଛି । **ନାରୁଲ୍ଲାହିଲ୍ ମୁକଦତୁଲ୍ ଲତି ତତ୍‌ଲିଉ ଅଲଲ୍ ଅଫ୍‌ଇଦାଃ** (ଅଲ୍‌ହୁମଜାଃ:୭,୮) (ଅର୍ଥାତ ଏହା ହେଉଛି ଅଲ୍ଲାଃଙ୍କର ଜ୍ୱଳନ୍ତ ଅଗ୍ନି ଯାହା ହୃଦୟର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ପହଂଚିବା) ବରଂ ହଦିସ୍‌ରୁ ଜଣାପଡୁଛି ଯେ ଜ୍ୱର ମଧ୍ୟ ନର୍କଅଗ୍ନୀର ଏକ ଉଦାହରଣ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୫୨-୧୫୫ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସମ୍ବନ୍ଧ ବୁଲ୍‌ଗାରିଆର ରାଜବଂଶ ସହିତ ରହିଛି ଓ ସେ ନିଜେ ଜଣେ ଲେଖକ ଏବଂ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟର ସଦସ୍ୟ ଅଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣଗୁଡ଼ିକ ମଣିଷର ଆତ୍ମାକୁ ଜୀବିତ କରିଦେଉଅଛି । ଏ ଜଲ୍‌ସାରେ ସାମିଲ ହୋଇଥିବା ଯୋଗୁଁ ମତେ ବହୁତ ଖୁସି ଲାଗୁଛି ।

ବୁଲ୍‌ଗାରିଆର ଏହି ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ୭:୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ଏବଂ ହାତ ମଧ୍ୟ ମିଳାଇଲେ ।

**କୋସୋଭୋ ପ୍ରତିନିଧିମଣ୍ଡଳର** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ଏହାପରେ କୋସୋଭୋ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତକାର ୭:୭ ମିନିଟରେ ଆରମ୍ଭ ହେଲା । ଏ ବର୍ଷ ଜଲ୍‌ସା ସାଲାନା ଜର୍ମାନୀ ଅବସରରେ କୋସୋଭୋରୁ ୪୫ ଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଯୋଗ ଦେଇଥିଲା । ସେମାନଙ୍କ ମଧ୍ୟରୁ ୩୦ଜଣ ଅହେମଦୀ ଥିଲେ ଓ ୧୫ ଜଣ ଅଣଅହେମଦୀ ବନ୍ଧୁ ଥିଲେ ।

ଜଣେ ବନ୍ଧୁ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକ ଆମ ଉପରେ ଗଭୀର ପ୍ରଭାବ ପକାଇଛି । ଆମକୁ ହଜୁର ଅନଓ୍ୱର ଅ:ବ:ଅଙ୍କର ଦୁଆର ଆବଶ୍ୟକ ରହିଛି ଯଦ୍ୱାରା ଯେଉଁ ଉପଦେଶଗୁଡ଼ିକ ହଜୁର ପ୍ରଦାନ କରିଛନ୍ତି । ଆମେ ତାହା ଉପରେ ପରିଚାଳିତ ହୋଇପାରିବୁ ।

କୋସୋଭୋର ଓ୍ୱଫଦ୍‌ରେ ଜଣେ ବନ୍ଧୁ Mr. Shaip Zeqiraji ସାହେବ ଦ୍ୱିତୀୟଥର ପାଇଁ ଜଲ୍‌ସାରେ ସାମିଲ ହୋଇଥିଲେ । ଯେବେ ତାଙ୍କୁ ଜଲ୍‌ସା ସାଲାନା ବିଷୟରେ ସୂଚନା ମିଳିଲା ସେ ବହୁତ ଖୁସି ହୋଇଗଲେ । କିନ୍ତୁ ଯେତେବେଳେ ଯାତ୍ରା କରିବାର ଖର୍ଚ୍ଚ ବିଷୟରେ ଭାବିଲେ ସେତେବେଳେ ସେ ଟିକିଏ ଦ୍ୱନ୍ଦରେ ପଡ଼ିଗଲେ । କିନ୍ତୁ ଖଲିଫାଙ୍କର ଦର୍ଶନ କରିବା ଏବଂ ଜଲ୍‌ସା ସାଲାନାରେ ସାମିଲ ହେବାର ଯେଉଁ ଆଗ୍ରହ ଥିଲା ସେଥିଯୋଗୁଁ ସେ ନିଜ ଗାଈକୁ ବିକ୍ରୀ କରି ଏହି ଜଲ୍‌ସାରେ ସାମିଲ ହେବାପାଇଁ ଥିବା ଖର୍ଚ୍ଚକୁ ପୂରଣ କଲେ ।

ତାଙ୍କର ଏକଥା କହିବାର ଥିଲା ଯେ, ମତେ ଅଲ୍ଲାଃ ତାଲାଙ୍କ ପରେ ସବୁଠାରୁ ଅଧିକ ପ୍ରେମ ହଜୁରଙ୍କ ସହିତ ରହିଛି ଯେତେବେଳେ ମୁଁ ଗତବର୍ଷ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲି ସେତେବେଳେ ଅନୁଭବ ହେଉଥିଲା ଯେ, ହଜୁରଙ୍କ ନିକଟରେ ଏକ ଜ୍ୟୋତି ବାହାରୁଅଛି ଏବଂ ସେହି ଜ୍ୟୋତି ଏଥରକ ମଧ୍ୟ ଅନୁଭବ ହେଉଅଛି । ମୁଁ ଜାଣିପାରୁନଥିଲି ଯେ କଣ ସବୁ ହେଉଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ତାଙ୍କୁ ତାଙ୍କ ବିଶ୍ୱାସ ଓ ନିଷ୍ଠାରେ ବୃଦ୍ଧି କରନ୍ତୁ ।

କୋସୋଭୋ ଓ୍ୱଫଦ୍‌ରେ ସାମିଲ ହୋଇଥିବା ଜଣେ ବନ୍ଧୁ Mr. Skander Asllani ସାହେବ ଯିଏ ଆଲ୍‌ବାନିଆ ଭାଷା ଓ ସାହିତ୍ୟର ଶିକ୍ଷକ ଅଛନ୍ତି ଓ ତାଙ୍କୁ ଏ ବର୍ଷ ବୟତ କରିବାର ସୌଭାଗ୍ୟ ମିଳିଛି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଏଥର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା, ଖୋଜିଲେ ମଧ୍ୟ କୌଣସି ତ୍ରୁଟି ମିଳିଲା ନାହିଁ । ଭାଷଣଗୁଡ଼ିକର ସ୍ତର ବହୁତ ଉଚ୍ଚକୋଟୀର ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣଗୁଡ଼ିକ ବହୁତ ପ୍ରଭାବଶାଳୀ ଥିଲା ।

ସେ କହିଲେ ଯେ, ଯାତ୍ରାର ଥକ୍କାପଣ ଏତେ ଅଧିକ ଥିଲା ଯେ ତାହାକୁ ବର୍ଣ୍ଣନା ବାହାରେ । କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖିବା ଓ ତାଙ୍କ ପଛରେ ପ୍ରଥମଥର ନମାଜ ପାଠ କରିବାପରେ ଥକ୍କାପଣର ଚିହ୍ନବର୍ଣ୍ଣ ନଥିଲା ଓ ଏପରି ଅନୁଭବ ହେଉଥିଲା ଯେ, ଯେମିତି ବହୁତ ସମୟ ଶୋଇ ଏବେଏବେ ଜାଗିଛି ।

ବୟତ କରିବା ହେଉଛି ଏକ ପୁରସ୍କାର ଯାହାର ସମ୍ମାନ ଆମ ସମସ୍ତଙ୍କୁ କରିବା ଉଚିତ । କାରଣ ଏହି ପରିବେଶରେ ଗୋଟିଏ ହାତରେ ଏକାଠି ହେବା ହେଉଛି ସଫଳତାର ଚାବିକାଠି ।

ଓ୍ୱଫଦ୍‌ରେ ସାମିଲ ହୋଇଥିବା ଆଉ ଜଣେ ବନ୍ଧୁ Mr. Gani Gashi ସାହେବ ଯିଏ କୋସୋଭୋଠାରେ ଥିବା ଏକମାତ୍ର ଅନ୍ଧମୁକ ସ୍କୁଲ୍‌ରେ ଶିକ୍ଷକ ଅଛନ୍ତି ତାଙ୍କୁ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ ହେବାପାଇଁ ଅବସର ମିଳିଥିଲା । ହ୍ୟୁମାନିଟିଫାଷ୍ଟ ଅର୍ନ୍ତଗତ ତାଙ୍କ ସ୍କୁଲ୍‌ରେ ଗୋଟିଏ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା । ଯେଉଁଠାରେ ତାଙ୍କୁ ଯମାତ୍ ଅହେମଦୀୟାର ପରିଚୟ ହେଲା । ସେ କହୁଛନ୍ତି ମୁଁ ଲୋକମାନଙ୍କଠାରୁ ଯମାତ୍ ଅହେମଦୀୟା ଜଲ୍‌ସା ସମ୍ବନ୍ଧରେ ଏକଥା ଶୁଣିଥିଲି ଯେ, ଗୋଟିଏ ଖାସ୍ ଶକ୍ତି ଅଛି ଯିଏ ସମଗ୍ର ଜଲ୍‌ସାର ବ୍ୟବସ୍ଥାକୁ ପରିଚାଳିତ କରୁଅଛି । ନଚେତ ମଣିଷର ଆୟତରେ ଏକଥା ନାହିଁ । ମୁଁ ନିଜେ ତ ଏକଥା ଦେଖିପାରୁନଥିଲି ତେଣୁ ଚିନ୍ତା କଲି ଯେ ଜଲ୍‌ସାରେ ସାମିଲ ହୋଇ ଦେଖିନେବି ।

ସେ ପୁଣି କହୁଛନ୍ତି ମଣିଷର କାନ ହେଉଛି ଏପରି ଏକ ଅଙ୍ଗ ଯିଏ ସତକଥାକୁ ଚିହ୍ନି ନିଏ । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକୁ ଶୁଣିବାପରେ ମୁଁ ଏକଥା ଅନୁଭବ କଲି ଯେ, ପ୍ରୀୟ ହଜୁରଙ୍କୁ ପ୍ରେମ କେବଳ ଅହେମଦୀମାନଙ୍କ ସହିତ ନୁହେଁ ବରଂ ସାରା ଦୁନିଆର ଲୋକମାନଙ୍କ ସହିତ ରହିଛି । ମୁଁ ଭାବୁଛି ଯେ, ଏ ଦୁନିଆକୁ ବଂଚାଇବା ଓ ସଠିକ ମାର୍ଗରେ ଆଣିବାପାଇଁ କେବଳ ଏହି ଗୋଟିଏ ସ୍ୱର ଏବଂ ଯମାତ୍ ରହିଛି ।

କୋଶୋଭୋ ଓ୍ୱଫଦ୍‌ରେ ଆଉ ଜଣେ ବନ୍ଧୁ Mr. Kushtrim Alhadaraj ସାହେବ ଗତବର୍ଷ ମଧ୍ୟ ଜଲ୍‌ସାରେ ସାମିଲ ହୋଇଥିଲେ । ତାଙ୍କ ପୁତ୍ର ଚାରିବର୍ଷର ଓ ସେ ଚାଲିପାରୁନଥିଲା କିନ୍ତୁ କେହି ଜଣେ ତାଙ୍କୁ ପରାମର୍ଶ ଦେଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦୁଆ କରିବାପାଇଁ ଚିଠି ଲେଖନ୍ତୁ । ସେ କହୁଛନ୍ତି ଯେ, ଏବେ ଦୁଆ କରିବାପାଇଁ ଚିଠି ଲେଖିବାର ଦୁଇ ଦିନ ହିଁ ହୋଇଥିଲା ଯେ, ପୁଅ ନିଜ ପାଦରେ ଚାଲିବା ଆରମ୍ଭ କରିଦେଲା । ଏବଂ ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ସେ କେବଳ ଚାଲୁ ନାହିଁ ବରଂ ଦଉଡୁଛି ମଧ୍ୟ । ଖଲିଫତୁଲ୍ ମସିହି ନିଜ ଲୋକମାନଙ୍କ ସହିତ ସଚ୍ଚା ପ୍ରେମ ରଖିଛନ୍ତି ଓ ସେମାନଙ୍କର ବ୍ୟଥାକୁ ନିଜର ବ୍ୟଥା ବୋଲି ଜାଣୁଛନ୍ତି ।

ଆଉ ଜଣେ ବନ୍ଧୁ କହିଲେ ଯେ, କୋସୋଭୋରେ ୯୫ ପ୍ରତିଶତ ମୁସଲମାନ ଅଛନ୍ତି । ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ମୌଲବୀ ମାନଙ୍କ ସହିତ ଜୋଡି ହୋଇ ନାହାନ୍ତି ବରଂ ତାଙ୍କଠାରୁ ଅଲଗା ହୋଇ ଅଛନ୍ତି । ତେବେ ସେଠାରେ ତବ୍‌ଲିଗ୍ କରିବାର ଉଚିତ ମାର୍ଗ କଣ ହେବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସେମାନଙ୍କୁ ଦରକାର ଯେ, ସର୍ବପ୍ରଥମେ ଖୁଦାତାଲାଙ୍କ ଅସ୍ତିତ୍ୱ ଉପରେ ସେମାନେ ବିଶ୍ୱାସ ଆଣନ୍ତୁ । ଖବରକାଗଜଗୁଡ଼ିକରେ ଆର୍ଟିକିଲ୍ ଏବଂ ନିବନ୍ଧ ଲେଖନ୍ତୁ ଯେ, ଖୁଦାତାଲାଙ୍କର ଅସ୍ତିତ୍ୱ ଅଛି । ଓ ସେ ନିଜ ଭକ୍ତମାନଙ୍କଠାରୁ କଣ ଚାହୁଁଛି । ଅତଏବ୍ ସର୍ବପ୍ରଥମେ ଖୁଦାଙ୍କ ଅସ୍ତିତ୍ୱ ଆଡ଼କୁ ସେମାନଙ୍କୁ ଆଣନ୍ତୁ । ଖୁଦାତାଲାଙ୍କର ହକ୍‌କୁ ଆମେ କିପରି ନିର୍ବାହ କରିପାରିବା ତା'ପରେ ପୁଣି ତାହାଙ୍କ ଭକ୍ତମାନଙ୍କର ହକ୍ ରହିଛି । ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଉପରେ ଆଧାରିତ ବ୍ରୋଚରଗୁଡ଼ିକୁ ବଂଟନ କରନ୍ତୁ । ଏଭଳି ଆର୍ଟିକିଲ୍ ଲେଖନ୍ତୁ ଯାହା ଜରିଆରେ ଲୋକମାନଙ୍କୁ ଧର୍ମ ପ୍ରତି ଆଗ୍ରହ ସୃଷ୍ଟି ହେବ । ଲୋକମାନଙ୍କର ସାଂସାରିକ ଭୋଗବିଳାସ ପ୍ରତି ଆଗ୍ରହ ଅଧିକ ହୋଇଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅସଲ କଥା ହେଉଛି ଏହା କି, ଲୋକମାନଙ୍କର ଧ୍ୟାନ ଓ ଆଗ୍ରହ ସୃଷ୍ଟି ହେଉ । ଯେତେବେଳେ ଆଗ୍ରହ ସୃଷ୍ଟି ହେବ ସେତେବେଳେ ତବ୍‌ଲିଗ୍ କରିବାପାଇଁ ଆଗକୁ ପାଦ ବଢ଼ାଇବା ଆରମ୍ଭ ହେବ । ଏହି ଦେଶଗୁଡ଼ିକରେ ମୁସଲମାନମାନଙ୍କର ବହୁତ ବଡ଼ ସଂଖ୍ୟା ଏବେ ଏକଥା ଚାହୁଁଛି ଯେ, ଶାନ୍ତି ପାଇଁ କୌଣସି ଜିନିଷ ଖୋଜାଯାଉ । ତେଣୁ ସେଥିଯୋଗୁଁ ଆମକୁ ବାର୍ତା ଦେବାକୁ ହେବ । ଏହି ମୁସଲମାନମାନଙ୍କର ତବ୍‌ଲିଗ୍ କରିବା ବହୁତ ବଡ଼ ଚ୍ୟାଲେଞ୍ଜ୍ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଯୁଗ ଖଲିଫାଙ୍କ ସହିତ ପ୍ରେମ କେବଳ ଖୁଦାତାଲା ହିଁ ସୃଷ୍ଟି କରିପାରେ ଓ ଖୁଦାତାଲାଙ୍କ ଖାତିର୍ ହିଁ ଏହା ହୋଇପାରେ ।**

**କେବଳ ନିଜାମ୍ ଜାରି ହୋଇଯିବାରେ କୌଣସି ବାସ୍ତିବକତା ନଥାଏ, ଯେ ପର୍ଯ୍ୟନ୍ତ ଯୁଗ ଖଲିଫା ଓ ଯମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ନିଷ୍ଠାପରତା, ଭକ୍ତିଭାବ ଓ ଭଲ ପାଇବାର ସମ୍ପର୍କ ସୃଷ୍ଟି ନ ହୋଇଛି ଏବଂ ଏହି ସମ୍ପର୍କ ଅଲ୍ଲାଃ ତାଲା ହିଁ ସୃଷ୍ଟି କରପାରନ୍ତି ।**

**ଯେଉଁ ସମ୍ପର୍କ ଯମାତ୍‌ର ଲୋକମାନେ ଖଲିଫାଙ୍କ ସହିତ ରଖୁଛନ୍ତି ଓ ଖଲିଫା ଯମାତ୍ ସହିତ ରଖିଛନ୍ତି, ଏହା ହେଉଛି ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗର ପ୍ରମାଣ ।**

**ଯମାତ୍‌ର ସଦସ୍ୟମାନଙ୍କର ବିଶ୍ୱସ୍ତତା, ପ୍ରେମଭାବ ନିଷ୍ଠା ଓ ଭକ୍ତିପୂର୍ଣ୍ଣ ସମ୍ପର୍କ ଯେଉଁଭଳି ଖିଲାଫତ୍ ସହିତ ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ବଢ଼ି ଚାଲିଛି, ଏହା କାହିଁକି ନ ହେବ, ଏହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତବାକ ହେବାର ଥିଲା ।**

**ଆମ ଯମାତ୍‌ରେ ପୂଣ୍ୟକର୍ମ କରିବାପାଇଁ ଯେଉଁ ସ୍ୱଭାବ ରହିଛି, ଏହା ସତ୍ୟତାର ଆତ୍ମା । ଏହି ସତ୍‌ଆତ୍ମା କେବେ ହେଲେ କୌଣସି ମିଥ୍ୟାଚାରୀ ଏ ଦୁନିଆରେ ବନାଇ ପାରିବନାହିଁ । ଖିଲାଫତ୍ ସହିତ ଯେଉଁ ନିଷ୍ଠାଭାବର ସମ୍ପର୍କ ରହିଛି ଓ ଯେଉଁ ପ୍ରେମ ରହିଛି ତାହା ଅବର୍ଣ୍ଣନୀୟ ।**

**ସାରା ଦୁନିଆରେ ବସବାସ କରୁଥିବା ଯମାତ୍‌ର ସଦସ୍ୟମାନେ, ସେମାନେ ଭିନ୍ନ ଭିନ୍ନ ଜାତି, ବର୍ଣ୍ଣ ଓ ବଂଶର ହୋଇଥିବା ସତ୍ତ୍ୱେ ମଧ୍ୟ ଅହେମଦୀୟତ୍‌ର ଖଲିଫାଙ୍କ ସହିତ ତାଙ୍କର ଯେଉଁ ବିଶ୍ୱସ୍ତତା ଓ ପ୍ରେମ ରହିଛି, ସେ ସବୁର ବିଶ୍ୱାସ ବର୍ଦ୍ଧକ ବର୍ଣ୍ଣନା**

**୨୭ ମଇ, ୟୋମେ ଖିଲାଫତ୍ (ଖିଲାଫତ ଦିବସ)ଠାରୁ ଏମ୍.ଟି.ଏ ର ଏକ ନୂଆ ବାବର୍‌କତ୍ ଯୁଗରେ ପ୍ରବେଶ ହେବାର ଘୋଷଣା । ପୃଥିବୀର ଭିନ୍ନ ଭିନ୍ନ ଇଲାକା/ଦେଶ/ରିଜିୟନ୍ ଅନୁସାରେ ଆଠଟି ଚ୍ୟାନେଲ୍ ଉପରେ ଆଧାରିତ ଏକ ନୂଆ ଶୃଙ୍ଖଳା ସହିତ ଏମ୍.ଟି.ଏ ପ୍ରସାରଣର ଶୁଭାରମ୍ଭ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୯ ମଇ ୨୦୨୦ ଅନୁଯାୟୀ ୨୯ ହିଜ୍‌ରତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ମସିହ ମଉଦ୍ ଆ:ସ ଏକଦା କହିଲେ "ମୁଁ ପରମେଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରୁଅଛି କି ସେ ମତେ ଏକ ନିଷ୍ଠାପର ଓ ବିଶ୍ୱସ୍ଥ ଯମାତ୍ ପ୍ରଦାନ କରିଛନ୍ତି । ମୁଁ ଦେଖୁଅଛି ଯେ ଯେଉଁ କାର୍ଯ୍ୟ ଉଦ୍ଦେଶ୍ୟ ନିମନ୍ତେ ସେମାନଙ୍କୁ ଡ଼ାକରା ଦେଲେ ସେମାନେ ମୁହୁର୍ତେ ମାତ୍ର ବିଳମ୍ବ ନ କରି ଅତ୍ୟନ୍ତ ତିବ୍ର ଓ ଉତ୍ସାହର ସହିତ ନିଜର ସାହାସ ଓ ସାମର୍ଥ୍ୟ ଅନୁଯାୟୀ ପରସ୍ପରଠାରୁ ଆଗକୁ ବଢ଼ିଯିବାପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି ଏବଂ ମୁଁ ସେମାନଙ୍କ ଆଭ୍ୟନ୍ତରରେ ସତ୍ୟତା ଓ ନିଷ୍ଠାପରତା ପରିଲକ୍ଷିତ କରୁଅଛି ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୩୬)***

ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହ ଉକ୍ତ ସାହାବାମାନଙ୍କର ନିଷ୍ଠା ପ୍ରେମ ଓ ବିଶ୍ୱସ୍ଥତାର ଅଗଣିତ ଘଟଣାମାନ ଆମେ ଦେଖିବାକୁ ପାଇଥାଉ । ପୁରାତନ ଅହେମଦୀ ବଂଶଧରମାନେ ନିଜ ପୂର୍ବଜମାନଙ୍କର ଏପରି ଘଟଣାମାନ ଚର୍ଚ୍ଚା କରିଥାନ୍ତି ଏବଂ ଆମ ଲିଟରେଚର୍‌ରରେ ଖଲିଫାମାନଙ୍କ ଖୁତ୍‌ବାର ଆଦିରେ ମଧ୍ୟ ସେଗୁଡ଼ିକର ବର୍ଣ୍ଣନା ଦେଖିବାକୁ ମିଳିଥାଏ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହ ସେହି ସାହାବାମାନଙ୍କର ଯେଉଁ ଘନିଷ୍ଠତା ଓ ଆବେଗ ପୁର୍ଣ୍ଣ ସମ୍ପର୍କ ଥିଲା ତାହା ସେତିକିରେ ପରିସମାପ୍ତି ଘଟିନାହିଁ ବରଂ ଉକ୍ତ ବଂଶଧରରେ ଆଜି ପର୍ଯ୍ୟନ୍ତ ତାହା ଅଭ୍ୟାହତ ରହିଛି ଏବଂ ରହିବା ମଧ୍ୟ ଉଚିତ କାରଣ ହଜୁର ଆ:ସଙ୍କ ସହିତ ଅଲ୍ଲାଃ ତାଲାଙ୍କର ପ୍ରତିଶୃତି ଥିଲା କି ସେହି ନିବିଡ଼ ଓ ଘନିଷ୍ଠତା ଏହି ଶୃଙ୍ଖଳାର ନିମ୍ନସ୍ତର ପର୍ଯ୍ୟନ୍ତ ସମାନ ଦୃଢ଼ତାର ସମ୍ପର୍କ ଅକ୍ଷୁର୍ଣ୍ଣ ରହିବ ଏବଂ ଏହା ଯମାତ୍‌ର ଏକତା ଓ ଅଖଣ୍ଡତାର ଜ୍ୱଳନ୍ତ ପ୍ରମାଣ ସାବ୍ୟସ୍ତ ହେବ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଯେତେବେଳେ ପରମେଶ୍ୱରଙ୍କଠାରୁ ଖବର ପାଇ ନିଜ ବାହୁଡ଼ି ଯିବାର ସମାଚାର ଯମାତ୍‌କୁ ଦେଲେ ସେତେବେଳେ ଯମାତକୁ ସାନ୍ତ୍ୱନା ଦେବାପାଇଁ ଯମାତ୍‌ରେ ଖିଲାଫତ୍‌ର ପ୍ରଥା ଅଭ୍ୟାହତ ରହିବାର ସୁସମ୍ବାଦ ମଧ୍ୟ ପ୍ରଦାନ କଲେ । ବସ୍ତୁତଃ ଆପଣ ନିଜର ରଚିତ ପ୍ରତ୍ରିକା ଅଲ୍‌ୱସିଅତ୍‌ରେ ଏପରି ରଚନା କଲେ କି ।

"ସୁତରାଂ ମୁଁ ତୁମମାନଙ୍କ ନିକଟରେ ଯେଉଁ ବିଷୟବସ୍ତୁ ବର୍ଣ୍ଣନା କରିଛି ସେଥିପାଇଁ ଦୁଃଖିତ ଓ ବିସ୍ମିତ ହୋଇଯାଅ ନାହିଁ ଏବଂ ତୁମମାନଙ୍କ ହୃଦୟ ବ୍ୟତିବ୍ୟସ୍ତ ନ ହେଉ କାରଣ ତୁମମାନଙ୍କ ପକ୍ଷରେ ଅଲ୍ଲାଃ ତାଲାଙ୍କର ଦ୍ୱିତୀୟ ପରାକର୍ମକୁ ଦେଖିବା ଅନିବାର୍ଯ୍ୟ ତାହାର ଆଗମନ ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ କାରଣ ତାହା ଚିରସ୍ଥାୟୀ ଯାହାର କ୍ରମ ପ୍ରଳୟ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ । ପୁନଶ୍ଚ ମୋର ପ୍ରସ୍ଥାନ ନ ହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବନୁହେଁ । ମାତ୍ର ମୁଁ ଯେବେ ଚାଲିଯିବି ସେତେବେଳେ ଅଲ୍ଲାଃ ତୁମମାନଙ୍କ ପାଇଁ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିଦେବେ ଯାହା ତୁମମାନଙ୍କ ସାଙ୍ଗରେ ସର୍ବଦା ରହିବ । ଏ ସଂକ୍ରାନ୍ତ ପ୍ରତିଶୃତି ଇବ୍‌ରାହିନେ ଅହେମଦିୟା ପୁସ୍ତକରେ ଲିପିବଦ୍ଧ ରହିଛି । ସେହି ପ୍ରତିଶୃତି ବ୍ୟକ୍ତିଗତ ଭାବରେ ମୋ ସମ୍ପର୍କରେ ଦିଆଯାଇନାହିଁ । ବରଂ ତାହା ତୁମମାନଙ୍କ ସମ୍ପର୍କରେ ଦିଆଯାଇଛି ଯେମିତି କି ଅଲ୍ଲାଃ ତାଲା କହିଛନ୍ତି ଆମ୍ଭେ ପ୍ରଳୟ ପର୍ଯ୍ୟନ୍ତ ତୁମର ଅନୁଗାମି ଗୋଷ୍ଠୀକୁ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ପ୍ରଦାନ କରିବୁ" ।

***(ରିସାଲା ଅଲ୍‌ୱସିୟତ୍, ରୁହାନି ଖଜାଇନ୍, ଖଣ୍ଡ-୨୦, ପୃ-୩୦୫-୩୦୬)***

ସୁତରାଂ ଅଲ୍ଲାଃ ତାଲା ଏହି ପ୍ରତିଶୃତି ମୁତାବକ ଆପଣଙ୍କ ବିୟୋଗପରେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ କଲେ ଏବଂ ଏହି ବ୍ୟବସ୍ଥାର ଆରମ୍ଭ ହୋଇଯିବା ନିଜ ଭିତରେ କୌଣସି ବାସ୍ତବତା ରଖୁନଥିଲା ଯେପର୍ଯ୍ୟନ୍ତ କି ଉପସ୍ଥିତ ଖଲିଫା ଓ ମାନ୍ୟକାରୀଙ୍କ ମଧ୍ୟରେ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ମଜ୍‌ଭୁତ୍ ହୋଇନାହିଁ ଏବଂ ଏହି ସମ୍ପର୍କ ପ୍ରଭୁ ସୃଷ୍ଟି କରିଥାନ୍ତି କୌଣସି ମଣିଷ ଅବା ମାନବୀୟ ପ୍ରୟାସ ସତଚେଷ୍ଟା କଲେ ମଧ୍ୟ ଏହା ସୃଷ୍ଟି କରିପାରିବ ନାହିଁ । ନା ଏହାକୁ ପ୍ରତିଷ୍ଠିତ ରଖିପାରେ । ଅତଏବ୍ ଏହା ଅଲ୍ଲାଃଙ୍କର ପ୍ରତିଶୃତି ପୂରଣ ହେବା ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହ ପ୍ରଭୁଙ୍କ ସାହାଯ୍ୟ ସହଯୋଗ ତଥା ଯମାତ ଅହେମଦୀୟାର

ସତ୍ୟତାର ଦଲିଲ ଅଟେ । ଖିଲାଫତ୍ ସହ ଅନୁଗାମୀମାନଙ୍କର ଯେଉଁ ସମ୍ପର୍କ ରହିଛି ଯେଉଁଥିରେ ପୂରାତନ ନୂତନ ଆଗମନକାରୀ ତଥା ଆବାଳବୃଦ୍ଧବନିତା ମଧ୍ୟ ସାମିଲ ରହିଛନ୍ତି ଯେଉଁମାନେ କଦାପି ଉପସ୍ଥିତ ଖଲିଫାଙ୍କୁ ଦେଖିନାହାନ୍ତି କିନ୍ତୁ ସେମାନେ ସମସ୍ତେ ନିଷ୍ଠାପରତା ଓ ବିଶ୍ୱସ୍ତତାରେ ବେଶ୍ ଆଗରେ ରହିଛନ୍ତି । ପରସ୍ପରଠାରୁ ଆଗକୁ ବଢ଼ିଯିବାକୁ ସଦେବ ଚେଷ୍ଟା କରୁଛନ୍ତି । ଚଳିତ ଖଲିଫାଙ୍କ ବାର୍ତା ଓ ଆଦେଶ ଶୁଣିବା ମାତ୍ରେ ସେଥିମୁତାବକ ଅମଳ କରିବାକୁ ତତ୍ପର ହୋଇଉଠୁଛନ୍ତି । ପ୍ରେମ ଓ ଭାବପ୍ରବଣତାର ପ୍ରକାଶ ଏଭଳି କରିଥାନ୍ତି କି ଜଣେ ଆଶ୍ଚର୍ଯ୍ୟ ଚକିତ ହୋଇଥାଏ ଏବଂ ଏହି ସବୁ ପ୍ରଭୁଙ୍କ ପ୍ରତିଶୃତି ପୂରଣ ହେବାର ବ୍ୟବହାରିକ ପ୍ରମାଣ ଯମାତ୍‌ର ଉନ୍ନତି ମଧ୍ୟ ଏଥି ସହିତ ସଂଶ୍ଲିଷ୍ଟ ଯେପରି ମୁଁ କହିଆସିଲି ଯେ ଯମାତ୍‌ର ଖିଲାଫତ୍ ସହ ଓ ଖିଲାଫତର ଯମାତ୍ ସହ ଯେଉଁ ସମ୍ପର୍କ ରହିଛି ତାହା ଅଲ୍ଲାଃ ତାଲାଙ୍କ ସାହାଯ୍ୟ ସହଯୋଗର ଜ୍ୱଳନ୍ତ ପ୍ରମାଣ ଏବଂ ଏ ସବୁ କୌଣସି କଥା କିମ୍ବା କାହାଣି ନୁହେଁ ବରଂ ସହସ୍ର ଓ ଲକ୍ଷ୍ୟାଧିକ ଅନୁଗାମୀମାନଙ୍କ ନିଜସ୍ୱ ଘଟଣାମାନର ପରିପ୍ରକାଶ ଯଦି ଉକ୍ତ ଘଟଣାମାନଙ୍କୁ ଏକତ୍ର ଲିପିବଦ୍ଧ କରାଯାଏ ତେବେ ଅସଂଖ୍ୟ ସ୍ଥୁଳ ଗ୍ରନ୍ଥଖଣ୍ଡ ପ୍ରସ୍ତୁତ ହୋଇଯିବ ।

ସେ ଯାହା ହେଉ ବର୍ତମାନ ମୁଁ କେତେକ ଘଟଣା, ଭାବ ପ୍ରକାଶ ତଥା ଅନୁଭବର ଚର୍ଚ୍ଚା କରିବି ଯାହାକି ଅନୁଗାମୀମାନଙ୍କର ଖଲିଫାଙ୍କ ସହ ପ୍ରତ୍ୟେକ ଯୁଗ ସହିତ ରହିଥିଲା ଏବଂ ଏବେ ସୁଦ୍ଧା ରହିଆସିଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାବସାନ ପରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଯାହା ଆଜକୁ ଶହେ ବାରବର୍ଷ ପୂରଣ ହେବାକୁ ଯାଉଅଛି ସେହି ପରି ପ୍ରତିଷ୍ଠିତ ରହିଛି । ବିରୋଧିମାନେ ତ କଳନା କରି ବସିଥିଲେ ଯେ ହଜୁର ଆ:ସଙ୍କ ଦେହାନ୍ତ ପରେ ଏହି ଯମାତ୍‌ର ଅବସାନ ଘଟିବ କିନ୍ତୁ ଯମାତ୍‌ର ସଦସ୍ୟମାନଙ୍କ ଦୃଢ଼ ମନୋବଳ ନିଷ୍ଠା ଓ ବିଶ୍ୱସ୍ତତାର ସହ ଖଲିଫାଙ୍କ ସହ ସମ୍ପର୍କ ଦିନକୁ ଦିନ ବଢି ଚାଲିଛି ଓ କାହିଁକି ବା ନ ହୁଅନ୍ତା ଯେତେବେଳେ କି ହଜୁର ସ:ଆ:ସଙ୍କ ସ୍ୱଷ୍ଟ ଭବିଷ୍ୟବାଣୀ ରହିଛି । ସେ ଯାହା ହେଉ ବର୍ତମାନ ମୁଁ କିଛି ଘଟଣାବଳୀର ଚର୍ଚ୍ଚା କରିବି ଯାହାକି ପ୍ରଥମ ଖଲିଫାଙ୍କଠାରୁ ଆରମ୍ଭ କରୁଅଛି ।

ବଦର୍‌ର ସମ୍ପାଦକ ସାହେବ ହଜ୍‌ରତ୍ ଖଲିଫତୁଲ୍ ମସିହ ପ୍ରଥମ ର:ଅ ଯେତେବେଳେ ରୋଗଶଯ୍ୟାରେ ଦିନ ଅତିବାହିତ କରୁଥିଲେ ସେହି ଦିନ ସଂକ୍ରାନ୍ତରେ ଲେଖିଛନ୍ତି ସେତେବେଳେ ଖୁଦାମ୍‌ମାନଙ୍କ ତରଫରୁ ହଜୁର ର:ଅଙ୍କ ସ୍ୱାସ୍ଥ୍ୟବସ୍ଥା ଜାଣିବାପାଇଁ ଅନେକ ପତ୍ର ଆସୁଥିଲା । ସେଗୁଡ଼ିକର ଉତରରେ ହଜୁର ଟିପ୍ପଣୀ ଲେଖିଦେଲେ କି ସେମାନଙ୍କୁ ଲେଖିଦିଅ ଯେ ମୁଁ ସେମାନଙ୍କ ପାଇଁ ଦୁଆ କରୁଅଛି ।

ଏଡ଼ିଟର୍ ସାହେବ ଲେଖିଛନ୍ତି ଖିଲାଫତ୍‌ର ପ୍ରେମୀମାନେ ନିଜ ଭଲପାଇବାର କିଭଳି ସୁନ୍ଦର ପରିପ୍ରକାଶ କରିଛନ୍ତି ସେଥି ମଧ୍ୟରୁ କିଛି ସନ୍ଦର୍ଭ ନମୁନା ସଦୃଶ ଦରଜ କରୁଅଛି ।

ହକିମ୍ ମହମ୍ମଦ୍ ହୁସୈନ୍ ସାହେବ କୁରୈଶୀ ଉଲ୍ଲେଖ କରିଛନ୍ତି ଯେ, ଏକଦା ମୁଁ ପରମେଶ୍ୱର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା ଭିକ୍ଷା କଲି କି ହେ ପ୍ରଭୁ ହଜ୍‌ରତ୍ ନୁହ୍ ଆ:ସଙ୍କ ଆବଶ୍ୟକତା ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସିମିତ ଥିଲା କିନ୍ତୁ ବର୍ତମାନର ଆବଶ୍ୟକତା ତ ତୁମକୁ ଭଲଭାବରେ ଜଣା । ତେଣୁ ଆମ ପ୍ରାର୍ଥନା ସ୍ୱୀକାର କର ଓ ଆମ ଇମାମ୍‌ଙ୍କୁ ନୁହ୍ ଆ:ସଙ୍କ ପରି ଦୀର୍ଘାୟୁ ପ୍ରଦାନ କର ।

ପୁନଶ୍ଚ ଭାଇ ମୋହମ୍ମଦ ହୁସୈନ୍ ସାହେବ ମାଡ୍ରାସରୁ ଲେଖିଛନ୍ତି ହଜୁର ଆ:ସଙ୍କ ଉତମ ସ୍ୱାସ୍ଥ୍ୟ ଫେରିପାଇବା ଖବର ପଢ଼ି ମୁଁ ଏଭଳି ଆନନ୍ଦିତ ହେଲି ଯାହା କେବଳ ମୋ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁଙ୍କୁ ହିଁ ଜଣା ।

***(ଅଲ୍‌ବଦର୍ ୧୬ ଫେବୃୟାରୀ ୧୯୧୧, ପୃ-୨, ଖ-୧୦ ଅଙ୍କ-୧୬)***

ଏଡ଼ିଟର୍ ବଦର୍ ସାହେବ ଆହୁରି ଲେଖନ୍ତି ଯେ ପ୍ରେମ ଏକ ଅଦ୍ଭୁଦ ପୂର୍ଣ୍ଣ ଜିନିଷ ଆମ ବନ୍ଧୁ ମିଆଁ ମୁହମ୍ମଦ୍ ବକ୍ସ ସାହେବ ଯିଏ ଅଷ୍ଟ୍ରେଲିଆରେ ବାଣିଜ୍ୟ କାରବାର କରୁଛନ୍ତି । ନିଜର ଏକ ପତ୍ରରେ ଲେଖିଲେ ଆପଣ କାଦିୟାନ୍ ର ଖବରକାଗଜର ନିମ୍ନଭାଗରେ ଯେଉଁ ମୁଖ୍ୟ ସୂଚନା ଦରଜ କରୁଛନ୍ତି ତାହା ବିଶେଷ କରି ଚଳିତ ଖଲିଫାଙ୍କ କୁଶଳମଙ୍ଗଳ ଓ ସ୍ୱାସ୍ଥ୍ୟବସ୍ଥା ସମ୍ବନ୍ଧିତ ଲେଖି ଦିଅନ୍ତୁ ବା ଦରଜ କରିଦିଅନ୍ତୁ । କାରଣ ଆମର ଆଗ୍ରହ ଓ ଧ୍ୟାନ ସଦେବ ଏହା ଜାଣିବାପାଇଁ ଉତ୍କଣ୍ଠିତ ରହୁଅଛି କି ଆମ ପ୍ରୀୟ ହଜୁର କିଭଳି ଅଛନ୍ତି ଏବଂ ଖବରକାଗଜର ଭିତର କଥା ପାଠ କରିବା ପୂର୍ବରୁ ହଜୁର ର:ଅଙ୍କ ସମ୍ବନ୍ଧରେ ଅବଗତ ହୋଇ ଆମେ ସନ୍ତୋଷଚିତ ଲାଭ କରିପାରିବୁ । ଅତଏବ ଏଡ଼ିଟର୍ ସାହେବ ଲେଖିଛନ୍ତି, ଆମେ ନିଜ ପ୍ରୀୟ ବନ୍ଧୁଙ୍କ ନିଷ୍ଠାପରତାକୁ ସମ୍ମାନ ପ୍ରଦାନ କରୁଛୁ ଏବଂ ଇନ୍‌ଶାଅଲ୍ଲାଃ ତାଲା ତାଙ୍କ ମନସ୍କାମନା ଅନୁଯାୟୀ ଏଥର ସେହିପରି କରାଯିବ ।"

***(ଅଲ୍‌ବଦର୍ ୬ ଏପ୍ରିଲ୍ ୧୯୧୧, ପୃ-୧, ଖ-୧୦ ଅଙ୍କ-୨୨,୨୩)***

ହଜ୍‌ରତ୍ ଅବୁ ଅବ୍‌ଦୁଲ୍ଲାଃ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ଏକଦା ସେ ପ୍ରଥମ ଖଲିଫାଙ୍କ ନିକଟରେ ବସିଥିଲେ ହଜୁରଙ୍କୁ ନିବେଦନ କଲେ, ହଜୁର ବିନୀତକୁ କିଛି ଉପଦେଶ ଦିଅନ୍ତୁ । ଏଥିରେ ହଜୁର କହିଲେ ଯେ ମୁଁ ଭାବୁନାହିଁ ଏମିତି କିଛି କାମ କରିବାକୁ ଅଛି ଓ ତାହା ଆପଣ ନ କରିଥିବେ । ପୁଣି ହଜୁର କହିଲେ ମୁଁ ମନେ କରୁନାହିଁ ଯେ ଆପଣଙ୍କର କୌଣସି ଆଦେଶ ପାଳନ କରିବାରୁ ରହିଯାଇଛନ୍ତି । ହଁ ବର୍ତମାନ କେବଳ ଆପଣଙ୍କର ପବିତ୍ର କୋରାନ୍ ମୁଖସ୍ତ କରିବାଟା ବାକି ରହିଗଲା । ଅତଏବ ସେ ପ୍ରଥମ ଖଲିଫାଙ୍କ କହିବା ଅନୁଯାୟୀ ପାଖାପାଖି ୬୫ ବର୍ଷ ବୟସରେ ପବିତ୍ର କୋରାନ୍ ମୁଖସ୍ତ କରିବା ଆରମ୍ଭ କରିଦେଲେ ଏବଂ ଏଭଳି ବୃଦ୍ଧା ଅବସ୍ଥାରେ ସେ ସମ୍ପୂର୍ଣ୍ଣ କୋରାନ୍ ମୁଖସ୍ତ କରିଦେଇଥିଲେ । ଏପରି ଥିଲେ ହଜୁରଙ୍କ ଅନୁଗାମୀ ଯେ ପ୍ରତ୍ୟେକ ଆଦେଶ ଶୁଣିବାମାତ୍ରେ ସେଥି ମୁତାବକ ଅମଳ କରିବା ପ୍ରତି ଉତ୍କଣ୍ଠିତ ରହୁଥିଲେ ।

***(ଦୈନିକ ଅଲ୍‌ଫଜଲ୍ ୮ ଡ଼ିସେମ୍ବର ୨୦୧୦, ପୃ-୪, ବହୱାଲା ଅଲ୍‌ଫଜଲ୍ କାଦିଆନ୍ ୧୯ ଏପ୍ରିଲ୍ ୧୯୪୭)***

ଦ୍ୱିତୀୟ ଖଲିଫାଙ୍କ ସମୟରେ ମଧ୍ୟ ଯେତେବେଳେ ଶୁଦ୍ଧି ହେବାର ଆହ୍ୱାନ ବଳବତର ହୋଇଉଠିଲା ସେତେବେଳେ ହଜୁର ତାହା ଦେଖି ଅଧିର ହୋଇପଡ଼ିଲେ ଏବଂ ଆପଣ ସେହି ବର୍ଷ ୯ ମାର୍ଚ୍ଚ ୧୯୨୩ ମସିହା ଦିନ ଖୁତ୍‌ବା ଜୁମାରେ ଅହେମଦୀମାନଙ୍କୁ ଡ଼ାକରା ଦେଲେ କି ସେମାନେ ନିଜ ଖର୍ଚ୍ଚ ବହନ କରି ମଲ୍‌କାନା ଅଂଚଳକୁ ଯାଇ ଇସ୍‌ଲାମ୍‌ର ପ୍ରଚାର କରି ଫେରିଯାଇଥିବା ମୁସଲମାନମାନଙ୍କୁ ସ୍ୱଧର୍ମକୁ ଫେରାଇ ଆଣନ୍ତୁ । ଏହି ଆହ୍ୱାନ ଶୁଣିବାମାତ୍ରେ ଯମାତ୍ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇଗଲେ । ଉଚ୍ଚ ଶିକ୍ଷିତ ସରକାରୀ କର୍ମଚାରୀ ଶିକ୍ଷିତ କାରବାରୀ ଇତ୍ୟାଦି ପ୍ରତ୍ୟେକ ବର୍ଗର ଲୋକ ଏହି କାର୍ଯ୍ୟ ପାଇଁ ନିଜକୁ ସର୍ମପଣ କରିଦେଲେ । ଯାହାର ପରିଣାମ ସ୍ୱରୁପ ସହସ୍ର ପୂଣ୍ୟଆତ୍ମା ପୁନଶ୍ଚ ଏକଶ୍ୱରବାଦର କଲ୍‌ମା ପାଠ କରିଦେଲେ । ଏକଦା ଜଣେ ବୟଜ୍ୟୋଷ୍ଠ ବ୍ୟକ୍ତି କାରି ନଇମୁଦ୍ଦିନ୍ ସାହେବ ବଙ୍ଗାଳି ଯିଏ ହଜୁର ର:ଅଙ୍କ ଗହଣରେ ବିରାଜମାନ ଥିଲେ । ଅନୁମତି ନେଇ କହିଲେ ହଜୁର ଯଦିଚ ମୋର ଦୁଇ ପୁତ୍ର ମୌଲବୀ ଜିଲୁର୍ ରହ୍‌ମାନ୍ ଓ ମତିଉର୍ ରହ୍‌ମାନ ଯିଏ କି ବର୍ତମାନ ବି.ଏରେ ଅଧ୍ୟୟନରତ । ମତେ କହିନାହାନ୍ତି, କିନ୍ତୁ ମୁଁ କାଲି ହଜୁରଙ୍କ ଯେଉଁ ଆହ୍ୱାନ ଶୁଣିଲି ନିଜକୁ ଉତ୍ସର୍ଗ କରି ସେବା ସମ୍ପାଦନ କରିବାର ସର୍ତ ରଖିଲେ ଆପଣ ସମ୍ଭବତଃ ସେମାନଙ୍କ ମନରେ ଏହି କଥା ଉଙ୍କି ମାରୁଥିବ କି ଆମେ ନିଜ ବୃଦ୍ଧ ପିତାଙ୍କୁ ଛାଡ଼ିଗଲେ ତାଙ୍କୁ କଷ୍ଟ ହେବ । କିନ୍ତୁ ମୁଁ ହଜୁରଙ୍କୁ ସାକ୍ଷୀ ରଖି କହୁଅଛି ଯେ ସେ ଦୁହିଁଙ୍କ ଏହି ପଥରେ ବାହାରି ଯାଇ କଷ୍ଟ ଉଠାଇବାରେ ତିଳେମାତ୍ର ଦୁଃଖ ଅବା ମନକଷ୍ଟ କରିବି ନାହିଁ । ମୁଁ ସ୍ୱଷ୍ଟଉକ୍ତିରେ କହୁଅଛି ଯଦି ଏହି ଦୁଇ ଭାଇ ପ୍ରଭୁଙ୍କ ମାର୍ଗରେ ସେବା କରିବା ଅବସ୍ଥାରେ ମୃତ୍ୟୁବରଣ କରନ୍ତି ତେବେ ସେଥିରେ ଗୋଟିଏ ଟୋପା ଲୁହ ଝରାଇବି ନାହିଁ ବରଂ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କରିବି । ସେ ଅଧିକନ୍ତୁ କହିଲେ କେବଳ ଏହି ଦୁହେଁ ନୁହେଁ ଯଦି ତୃତୀୟ ପୁତ୍ର ମେହମୁବ୍ ରହ୍‌ମାନ୍ ମଧ୍ୟ ଧର୍ମସେବା କରିବାରେ ନିହତ ହୁଏ ଏବଂ ମୋର ଦଶଟି ପୁତ୍ର ଥାଆନ୍ତେ ଏବଂ ସେ ସମସ୍ତେ ମଧ୍ୟ ନିହତ ହୋଇଯାଇଥାନ୍ତେ ତଥାପି ମୁଁ ଦୁଃଖ ଓ ସନ୍ତାପ କରିବି ନାହିଁ ଏଥିରେ ହଜୁର ଓ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଲେ ।

***(ଅଲ୍‌ଫଜଲ୍ ୧୫ ମାର୍ଚ୍ଚ ୧୯୨୩, ପୃ-୧୧)***

୧୯୨୪ ମସିହାରେ ଯେତେବେଳେ ଦ୍ୱିତୀୟ ଖଲିଫା ୟୁରୋପର ଗସ୍ତରେ ବାହାରି ଯାଇଥିଲେ ସେହି କିଛି ଦିନ ବିଚ୍ଛେଦ ମଧ୍ୟ ଯମାତ୍‌ର ସଦସ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରିଦେଇଥିଲା । ତାହାର ଅନୁମାନ ଏହି ବର୍ଣ୍ଣନାରୁ ଜଣାପଡୁଛି କି ବାବୁ ସିରାଜୁଦ୍ଦିନ୍ ସାହେବ ଷ୍ଟେସନ ମାଷ୍ଟର ଲେଖିଛନ୍ତି ଆଜି ପ୍ରୀୟ ଆକା ଆମଠାରୁ ଦୂରରେ, ଯଦି ସମ୍ଭବ ହୁଅନ୍ତା ତେବେ ଆମେ ନିଜ ପ୍ରତିପାଳକଙ୍କ ପାଦଧୂଳି ହୋଇଯାଆନ୍ତୁ ଯଦ୍ୱାରା ବିଚ୍ଛେଦର ଏହି ଧକ୍କା ସହ୍ୟ କରିବାକୁ ପଡ଼ିନଥାନ୍ତା । ଏ ମୁନୀବ ମୁଁ ଗତ ଚାରିବର୍ଷ ହେଲା କାଦିୟାନ୍ ଯାଇ ପାରିନାହିଁ । କିନ୍ତୁ ମନ ସ୍ଥିରଚିତ ଥିଲା ଯେ ଯେତେବେଳେ ଇଚ୍ଛା ଯାଇ ହଜୁରଙ୍କର ପାଦ ଚୁମ୍ବନ କରିଆସିବି କିନ୍ତୁ ବର୍ତମାନ ଗୋଟିଏ ଦିନ ଅତିବାହିତ କରିବା ମଧ୍ୟ କଷ୍ଟକର ହେଉଅଛି । ଐଶ୍ୱର୍ଯ୍ୟମୟ ଅଲ୍ଲାଃ ହଜୁରଙ୍କୁ ସକୁଶଳେ ଓ ବିଜୟ ମଣ୍ଡିତ କରି ଖୁବ୍ ଶୀଘ୍ର ଫେରାଇ ଆଣନ୍ତୁ ।

***(ସ୍ୱାନେହ୍ ଫଜ୍‌ଲେ ଉମର୍ ଖଣ୍ଡ-୫, ପୃ-୪୭୫)***

ଏହି ପ୍ରେମ ଓ ପ୍ରିତିଭାଜନ କିଏ ସୃଷ୍ଟି କରିଛନ୍ତି । ଦ୍ୱିତୀୟ ଖଲିଫା କୁହନ୍ତି ଜଣେ ଯୁବକ ଗତବର୍ଷ ମୋ ଆହ୍ୱାନରେ ଆଫଗାନିସ୍ତାନ ବିନା ପାସପୋର୍ଟରେ ଚାଲିଗଲେ । ସେ ସର୍‌ଗୋଦା ଜିଲ୍ଲାର ବାସିନ୍ଦା କେବଳ ଖଲିଫାଙ୍କ ଆଦେଶ ପାଳନ କରିବା ଖାତିର୍ ଘରୁ ବାହାରି ପଡ଼ିଲେ ଏବଂ ଆଗପଛ କଥା କ୍ଷଣକ ପାଇଁ ବିଚାର ନ କରି ସେଠାରେ ପହଂଚି ତବ୍‌ଲିଗ୍ ଅର୍ଥାତ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେ । ପ୍ରଶାସନ ତାଙ୍କୁ କଏଦ କରି ଜେଲ୍‌ରେ ବନ୍ଦକରିଦେଲେ ତଥାପି ସେଠାରେ କଏଦୀ ଓ ଅଫିସରମାନଙ୍କୁ ବାର୍ତା ପହଂଚାଇବାରେ ସେ ଲାଗି ରହିଲେ । ଏପରି ସେ ସେମାନଙ୍କୁ ପ୍ରଭାବିତ କଲେ ଶେଷରେ ଅଫିସର ରିପୋର୍ଟ ଦେଲେ କି ଏ ତ କାରାଗାରରେ ମଧ୍ୟ ପ୍ରଭାବ ବିସ୍ତାର କରିଚାଲିଛି । ଏଥିରେ ମୌଲବୀମାନେ ତାଙ୍କୁ ମୃତ୍ୟୁଦଣ୍ଡାଦେଶର ଫତୁଆ ଦେଲେ କିନ୍ତୁ ମନ୍ତ୍ରୀ କହିଲେ ଯେ, ଏହା ଏକ ଇଂଗ୍ରେଜ ଶାସନଧିନ ରାଇଜ ତେଣୁ ଆମେ ତାଙ୍କୁ ମାରି ପାରିବା ନାହିଁ ବା ମୃତ୍ୟୁଦଣ୍ଡ ଦେଇପାରିବା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family, Jamat Ahmadiyya, Pankal (Odisha)*

ନାହିଁ । ଶେଷରେ ପ୍ରଶାସନ ନିଜ ସୁରକ୍ଷାରେ ଭାରତରେ ତାଙ୍କୁ ଛାଡ଼ିଗଲେ । ହଜୁର କୁହନ୍ତି ସେ ଅନେକ ମାସ ପରେ ସ୍ୱଦେଶ ଫେରିଥିଲେ । ମୁଁ ତାଙ୍କୁ କହିଲି କି ତୁମେ ଭୁଲ କରିଛ ଆହୁରି ଅନେକ ଦେଶ ତ ଥିଲା ସେଠାକୁ ଯାଇ ତୁମେ ପ୍ରଚାର କାର୍ଯ୍ୟ କରିପାରିଥାନ୍ତ । ଏଥିରେ ସେ ସଙ୍ଗେସଙ୍ଗେ କହି ଉଠିଲେ ବର୍ତମାନ ଆପଣ କହିଦିଅନ୍ତୁ ମୁଁ ସେଠାକୁ ଚାଲିଯିବି । ସେହି ଯୁବକଙ୍କର ମାତା ଜୀବିତ ଥିଲେ ତଥାପି ସେ ପ୍ରସ୍ତୁତ ଥିଲେ ଯେ ନିଜ ପୂଜନୀୟ ମାତାକୁ ସାକ୍ଷାତ ନକରି ଅନ୍ୟଦେଶକୁ ଚାଲିଯାଇଥାନ୍ତେ । କିନ୍ତୁ ମୋ କହିବା ଯୋଗୁଁ ସେ ନିଜ ମାତାଶ୍ରୀଙ୍କୁ ସାକ୍ଷାତ କରିବାକୁ ଗଲେ । ହଜୁର ର:ଅ କୁହନ୍ତି ଯଦି ଅନ୍ୟ ଯୁବକ ମାନେ ଏହି ପଂଞ୍ଜାବୀ ପରି ଦୃଢ଼ ମନୋବଳ ଓ ସାହାସ ବାନ୍ଧି ନିଅନ୍ତି ତେବେ ଆମେ କିଛି ଦିନରେ ହିଁ ସାରା ସଂସାରର ସ୍ୱରୁପକୁ ହିଁ ବଦଳାଇ ଦେବା ।

***(ତାରିଖେ ଅହମଦିୟତ୍ ଖଣ୍ଡ-୮, ପୃ-୪୪)***

ସିରିଆର ଜଣେ ବନ୍ଧୁ ଥିଲେ ମୁହମ୍ମଦ ଅଶ୍ୱା ସାହେବ ଯେତେବେଳେ ହଜୁର ସିରିଆ ଗସ୍ତରେ ଥିଲେ ସେତେବେଳେ ତାଙ୍କୁ ହଜୁରଙ୍କ ସାଥିରେ ଲବ୍‌ନାନ୍ ଯିବାର ସୌଭାଗ୍ୟ ଲାଭ ହେଲା । ସେ ଜଣେ ଦକ୍ଷ୍ୟ ଓକିଲ ଓ ଖିଲାଫତ ସହ ତାଙ୍କର ସମ୍ପର୍କ ମଧ୍ୟ ମଜ୍‌ଭୁତ ଥିଲା । ଓକିଲାତି ବୃତି ଯୋଗୁଁ ପ୍ରତ୍ୟେକ କଥା ଦଲିଲ୍ ର ସହିତ କରୁଥିଲେ କିନ୍ତୁ ଯେତେବେଳେ ତାଙ୍କୁ କୁହାଯାଉଥିଲା କି ଚଳିତ ଖଲିଫା ଏଭଳି କହିଛନ୍ତି ସେତେବେଳେ ସେ କହୁଥିଲେ ବାସ୍ ଯେତେବେଳେ ଆଦେଶ ଆସିଗଲା ତେବେ ଆଉ କିଛି କହିବାର ନାହିଁ । ବର୍ତମାନ ଏହାହିଁ ସବିଶେଷ ନିଷ୍ପତି । ଏବେ ଏଭଳି ସମ୍ପର୍କ ଥିଲା ସେହି ଲୋକମାନଙ୍କର ।

***(ଖୁତ୍‌ବା ଜୁମା ପ୍ରଦତ ୨୩ ଅକ୍ଟୋବର ୨୦୦୯ ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୭, ପୃ-୫୦୪-୫୦୫)***

ତୃତୀୟ ଖଲିଫାଙ୍କ ସମୟ କାଳରେ ଆମେରିକାରେ ଜଣେ ଅହେମଦୀ ମହିଳା ରହୁଥିଲେ, ସିଷ୍ଟର ନାଇମା ଲତିଫା ସାହିବା ସେ ଖଲିଫାଙ୍କୁ ଅଶେଷ ଭଲ ପାଉଥିଲେ ଏବଂ ଖଲିଫାଙ୍କ ଆଜ୍ଞାବହତାକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ । ତୃତୀୟ ଖଲିଫା ଆମେରିକା ଗସ୍ତ ସମୟରେ ଏକ ୟୁନିଭରସିଟିରେ ପରଦା କରିବାର ଗୁରୁତ୍ୱ ପ୍ରସଙ୍ଗରେ ନିଜର ଅଭିଭାଷଣ ଉପସ୍ଥାପନ କଲେ । ତାହା ସେ ଶୁଣିବା ମାତ୍ରେ ତିଳେମାତ୍ର ବିଳମ୍ବ ନ କରି ପର୍ଦ୍ଦା କଲେ ଏବଂ ଉକ୍ତ ଅଂଚଳରେ ସେ ଏକାକି ଇସ୍‌ଲାମୀୟ ପର୍ଦ୍ଦାରେ ଦୃଶ୍ୟମାନ ହେଉଥିଲେ ।

***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୧୨, ପୃ-୬୦୫, ଖୁତ୍‌ବା ଜୁମା ପ୍ରଦତ ୦୩ ଅକ୍ଟୋବର ୨୦୧୪)***

ତେବେ ଏକ ଉତ୍କଣ୍ଠା ଥିଲା ଖଲିଫାଙ୍କ ଆଦେଶ ଶୁଣିବାମାତ୍ରେ ସେଥିମୁତାବକ ପାଳନ କରିବାର କି ମତେ ବୟତ ର ଆଦେଶକୁ ପୂର୍ଣ୍ଣରୂପେ ସମ୍ପାଦନ କରିବାର ଅଛି ।

ଖାନିୱାଲ୍ ଜିଲ୍ଲାର ନଜିର୍ ହୁସୈନ୍ ସାନ୍‌ୱଲ୍ ନାମକ ଜଣେ ନିଷ୍ଠାପର ଅହେମଦୀ କୁହନ୍ତି, କି ଜଣେ ନିଷ୍ଠାପର ଅହେମଦୀ ଶ୍ରୀମାନ୍ ମହେର୍ ମୁକ୍ତାର ସାହେବ୍ ନିଜସ୍ୱ ଘଟଣା ବର୍ଣ୍ଣନା କରନ୍ତି କି ୧୯୭୪ ମସିହାରେ ବିରୋଧିମାନେ ତାଙ୍କ ଜୀବିତ ରହିବା କଷ୍ଟକର କରିଦେଲେ । ସେ ଜଣେ ଆଗ୍ରହୀ ପ୍ରଚାରକ ଯୋଗୁଁ ଭାଇବନ୍ଧୁ ଓ ପରିଜନମାନେ ମଧ୍ୟ ପୂର୍ଣ୍ଣରୂପେ ତାଙ୍କୁ ବାଛନ୍ଦ କଲେ । କିନ୍ତୁ ସେ ନିଜ ବିଶ୍ୱାସରେ ଆହୁରି ସୁଦୃଢ଼ ହୋଇଗଲେ ଏବଂ ନିଜ ସାକ୍ଷାତାକାର ପରିସରରେ ଆହୁରି ଅଧିକ ପ୍ରସିଦ୍ଧି ଅର୍ଜନ କରିନେଲେ । ଏଥି ସହିତ ତାଙ୍କ ବିରୋଧିମାନେ ମଧ୍ୟ ନିଜ କାର୍ଯ୍ୟକ୍ରମ ବଢ଼ାଇବା ଆରମ୍ଭ କରିଦେଲେ ସେ ନିଜ ପିଲାମାନଙ୍କ ଶିକ୍ଷା ହାସଲ ଓ ଉତମ ପରିବେଶରେ ବିକାଶ ପାଇଁ ନିଜ ଚାଷଜମି ବିକ୍ରି କରି ରବ୍‌ୱାର କିଛି ଜମି ଠିକାରେ ନେଇ ଚାଷବାସ କରିବା ଆରମ୍ଭ କରିଦେଲେ ଯେତେବେଳେ ତୃତୀୟ ଖଲିଫାଙ୍କ ସହ ତାଙ୍କର ସାକ୍ଷାତ ହେଲା ଏବଂ ଏଥି ସମ୍ବନ୍ଧରେ ସେ ହଜୁରଙ୍କୁ ସୁଚିତ କଲେ କି ନିଜ ଗ୍ରାମର ଚାଷଜବି ବିକ୍ରୀ କରି ଏଠାକୁ ଚାଲିଆସିଛି । ହଜୁର ତାଙ୍କର ଏହି ପଦକ୍ଷେପକୁ ପସନ୍ଦ କଲେ ନାହିଁ ଏବଂ କହିଲେ କି ନିଜ ଅଂଚଳ ଛାଡ଼ି ଆସିବା ଠିକ୍ ହେଲା ନାହିଁ । ଏଥିରେ ସେ ସଙ୍ଗେ ସଙ୍ଗେ ଅମଳ କଲେ ଏବଂ ଠିକାରେ ନେଇଥିବା ମାଲିକଠାରୁ ଟଙ୍କା ଫେରସ୍ତ ମାଗିଲେ କିନ୍ତୁ ସେ ମନା କରିଦେଲେ ଅର୍ଥାତ ଟଙ୍କା ଫେରାଇବାକୁ ମନା କରିଦେଲେ ଓ ଅମଳକ୍ଷମ ଫସଲ ଓ ଉକ୍ତ ରାଶି ନ ନେଇ ନିଜ ଗ୍ରାମକୁ ଫେରିଗଲେ ଏବଂ କୌଶଳ କ୍ରମେ ନିଜ ବିକ୍ରୀ କରିଦେଇଥିବା ଜମିକୁ ପୂର୍ନବାର ଅଧିକ ଦାମ୍‌ରେ କିଣିନେଲେ । ତା'ପରେ ତୃତୀୟ ଖଲିପାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ହଜୁର ଆପଣଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିନେଲି । ଏଥିରେ ହଜୁର ମଧ୍ୟ ପ୍ରସନ୍ନିତ ହେଲେ ଏବଂ ମହେର୍ ସାହେବ ମଧ୍ୟ ଏଥିରେ ଆନନ୍ଦିତ ହେଉଥିଲେ । ***(ଦୈନିକ ଅଲ୍‌ଫଜଲ୍ ୧୦ ମଇ ୨୦୧୦, ପୃ-୫)***

| | |
|---|---|
| **ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ** | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

ତୃତୀୟ ଖଲିଫା ୧୯୭୦ ମସିହାରେ ଆଫ୍ରିକା ଗସ୍ତରେ ଯାଇଥିଲେ । ସେଠାକାର ମୁବ୍‌ଲିଗ୍ ସାହେବ୍ ଗସ୍ତର ଏଭଳି ସୂଚି ପ୍ରସ୍ତୁତ କରିଥିଲେ । ହଜୁର କୁହନ୍ତି ତାହା ମୋ ପକ୍ଷେ ବଡ଼ କଷ୍ଟକର ଥିଲା କାରଣ ଶହେ ମାଇଲ୍‌ର ଦୂରତା ଅତିକ୍ରମ କରିବା ପରେ ସ୍ଥାନିୟ ଯମାତ୍‌ର ଲୋକମାନଙ୍କ ସହ ସାକ୍ଷାତ କରିବା ସମ୍ଭବ ନଥିଲା । ଯେହେତୁ ଆମ ନିକଟରେ ସମୟ ଖୁବ୍ କମ୍ ଥିଲା ପୁଣି ସେଠାକୁ ଅଣଦେଶୀୟ ଖ୍ରୀଷ୍ଟଧର୍ମାଲମ୍ବୀ ମଧ୍ୟ ଆସିଥିଲେ ଏବଂ ସେଠାରେ ମତେ ତାଙ୍କୁ ସମ୍ବୋଧନ ବକ୍ତୃତା ମଧ୍ୟ ପ୍ରଦାନ କରିବାର ଥିଲା । ହଜୁର କୁହନ୍ତି ମୁଁ ସେଠାରେ ଭାଷଣ ଦେଲି ଓ ପ୍ରଶ୍ନ ଉତରର କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହେଲା । ଏଥିପରେ ଯେତେବେଳେ ବହୁ ସମୟ ଅତିବାହିତ ହୋଇଗଲା ସେତେବେଳେ ମୁବ୍‌ଲିଗ୍ ସାହେବ ଘୋଷଣା କରିଦେଲେ ଯେ ବର୍ତମାନ ହଜୁରଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ହୋଇପାରିବ ନାହିଁ । ହଜୁର କୁହନ୍ତି ସେହି ଲୋକମାନେ ଯାହାଙ୍କ ସମ୍ପୁର୍ଣ୍ଣ ଜୀବନରେ ପ୍ରଥମଥର ପାଇଁ ଚଳିତ ଖଲିଫାଙ୍କ ସହ ସାକ୍ଷାତ କରିବାର ଅବସର ମିଳିଥିଲା ଏବଂ ଜଣାନଥିଲା ଯେ ଏପରି ଅବସର ଆସନ୍ତାରେ ପୂର୍ନବାର କେବେ ଲାଭ ହେବ ? ସେମାନେ ଏହି ଘୋଷଣା ଶୁଣିବାପରେ ମଧ୍ୟ ମୋ ସହ ମିଳିବାପାଇଁ ପ୍ରଖର ସ୍ରୋତପରି ମାଡ଼ି ଆସିଲେ ଏବଂ ସ୍ଥାନୀୟ ଲୋକେ, ପ୍ରାଇଭେଟ ସେକ୍ରେଟାରୀ ଓ ଅନ୍ୟ ସାଥିମାନଙ୍କୁ ଏଭଳି ଧକ୍କା ଦେଲେ ଯେ, ସେମାନଙ୍କୁ ଜଣାପଡ଼ିଲା ନାହିଁ ଯେ ସେମାନେ କେଉଁଠାରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ମୋ ହାତ ଧରି ନେଉଥିଲେ ଏବଂ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ଶେଷରେ ଉକ୍ତ ବ୍ୟକ୍ତି ନିକଟରେ ଅପେକ୍ଷାରତ ବ୍ୟକ୍ତି ଅତିଷ୍ଠ ହୋଇ ତା ହାତକୁ ଧରି ଝିଙ୍କି ଦେଉଥିଲା ଓ ତାକୁ ମୋଠାରୁ ଛଡ଼େଇ ସ୍ୱୟମଂ ମୋ ସହ କରମର୍ଦ୍ଦନ କରୁଥିଲା ଓ ସେ ମଧ୍ୟ ହାତ ଛାଡ଼ିବାକୁ ପ୍ରସ୍ତୁତ ନଥିଲା ପୁନଶ୍ଚ ତା ପରବର୍ତୀ ବ୍ୟକ୍ତି ମଧ୍ୟ ସେହିପରି ସମାନ ଆଚରଣ କରୁଥିଲା । ସେ ଯାହା ହେଉ ବେଶ୍ କଷ୍ଟରେ ସେଠାରୁ ଆମେ ବାହାରିଲୁ ତେବେ ଏହି ସମ୍ପର୍କ ଆମ ଆପଣା ଲୋକମାନଙ୍କୁ ଜଣାଅଛି କିନ୍ତୁ ପରମାନଙ୍କୁ ଜଣାଇବାପାଇଁ ଏହାର ଆଲୋଚନା କରିଦେଲି ଯେ ଖିଲାଫତ ସହ ଯମାତ୍‌ର ସମ୍ପର୍କ ଏଭଳି ଘନିଷ୍ଠ ଓ ଅସାଧାରଣ କି ମୁଁ ଏତେ ବୋକା ନୁହେଁ ଯେ, ଏହା କହିବି ଏଥିରେ ମୋର ନିଜସ୍ୱ କୌଣସି ସୁଗୁଣ ବା ବିଶେଷତ୍ୱ ନାହିଁ । ପାଂଚ ଛଅ ହଜାର ମାଇଲ ଦୂରରେ ବସିଥିବା ଏହି ଲୋକମାନଙ୍କ ହୃଦୟରେ ମୋ ପ୍ରତି ଆଶକ୍ତି ଓ ପ୍ରୀତି ଭରି ରହିଛି । ଯେ ମତେ ପୂର୍ବରୁ କଦାପି ଦେଖିନଥିଲେ ଯେ ମୋ ସହ ସାକ୍ଷାତ କରିବାପାଇଁ ପରସ୍ପର ଉପରେ ଚଢ଼ି ମୋ ନିକଟକୁ ମାଡ଼ି ଆସୁଥିଲେ । ଏହା ସେହି ସର୍ବଶକ୍ତିମାନ ପ୍ରଭୁ ଏପରି ଭଲପାଇବା ସେମାନଙ୍କ ମନରେ ସୃଷ୍ଟି କରିଦେଇଛନ୍ତି ।

***(ଖୁତ୍‌ବାତେ ନାସିର୍, ଖଣ୍ଡ-୬, ପୃ-୫୪୭-୫୪୮, ଖୁତ୍‌ବା ପ୍ରଦତ ୨୨ ଅକ୍ଟୋବର ୧୯୭୬)***

ପୁନଶ୍ଚ ଚତୁର୍ଥ ଖଲିଫାଙ୍କ ସମୟ ଆସିଲା । ଆପଣ କୁହନ୍ତି ଆଫ୍ରିକାରେ ଯେଉଁ ବିଶାଳ ପରିବର୍ତନ ଆସିଲା ତାହା କେବଳ ପୂରାତନ ଉତ୍ସର୍ଗୀମାନଙ୍କ ବଳିଦାନର ପରିଣାମ ଯାହାକି ଅଭୁତପୂର୍ଣ୍ଣ ପରିବର୍ତନ ସୃଷ୍ଟି କରିଥିଲା ଯାହାର କଳନା ମଧ୍ୟ ସେଠାକାର ଯମାତ୍ କରିପାରିନଥିଲେ । ତିନିଜଣ ବଡ଼ ବଡ଼ ଅଭିଜ୍ଞ ଅହେମଦୀ ଓ ନିଜ ଦେଶର ପ୍ରଶାସନଙ୍କ ମଧ୍ୟରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନେ ମଧ୍ୟ ମତେ କହିଲେ ଆମକୁ ମଧ୍ୟ ଏହା ଜ୍ଞାତ ନଥିଲା କି ଆମ ଜାତି ଅହେମଦୀୟତ ପ୍ରତି ପ୍ରେମ, ଅନୁରାଗ ଓ ସହାୟତରେ ଏଭଳି ଆଗକୁ ବଢ଼ିଚାଲିବ । ଅତଏବ ଜଣେ ସାହାବାଙ୍କର ନାମ ଓ ତାଙ୍କ ଦେଶର ନାମ ନେବା ଉଚିତ ହେବ ନାହିଁ । ସେ କହିଲେ ମତେ ବୁଝାପଡୁନାହିଁ ଏ ସବୁ କଣ ଘଟି ଯାଉଛି । ଏହା ସବୁ ମୋ କଳନା ବାହାରେ ଯେ ଆଜି ଆମ ଜାତିର ଲୋକମାନଙ୍କୁ ଯମାତ୍ ଅହେମଦୀୟାର ଖଲିଫାଙ୍କର ଏଭଳି ସେବା କରିବାର ଅବସର ଲାଭ ହୋଇଛି ଏବଂ ଏଭଳି ସେମାନେ ନିଜ ପ୍ରେମ ଓ ଭଲପାଇବାର ପରିପ୍ରକାଶ କରୁଛନ୍ତି । ଏକଥା ମୁଁ ସ୍ୱପ୍ନରେ ସୁଧା ଭାବିନଥିଲି ସେ କହିଲେ, ଏଠାରେ ମୁଁ ପ୍ରଶାସନ ମୁଖିଆଙ୍କ ସହିତ ଯାହା କିଛି ଦେଖିବାକୁ ପାଇଲି ତାହା ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ସ୍ଥଳେ ଦେଖିନାହିଁ ଏବଂ ସେ ଏହା ମଧ୍ୟ କହିଲେ ଯେ, ଏଥିରେ ଆମ ଯମାତ୍‌ର ପ୍ରୟାସର କୌଣସି ଦଖଲ ନାହିଁ ଯାହା ସବୁ ହେଉଅଛି ଅଦୃଶ୍ୟରୁ ହେଉଅଛି ଓ ଅଭୁତପୂର୍ଣ୍ଣ ରୂପେ ଘଟୁଅଛି । ***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୭, ପୃ-୧୩୪-୧୩୫)***

ତେବେ ଏହା ଅଲ୍ଲାଃଙ୍କର ସମସ୍ତ ଲୀଳା ପୁନଶ୍ଚ ଯମାତ୍ ଅହେମଦୀୟରେ ଚତୁର୍ଥ ଖଲିଫା ଏକ ଅବସରରେ ପାକିସ୍ତାନ ସଂକ୍ରାନ୍ତରେ କହିଲେ କି ପାକିସ୍ତାନରେ କେତେକ ମନ୍ଦଭ୍ୟାସ ପ୍ରଚଳିତ ଯେପରି କି, ଭିଡ଼ିଓ କ୍ୟାସେଟ୍‌ର ଖରାପ ପ୍ରଚଳନ ଆରମ୍ଭ ହୋଇଯାଇଛି । ମୁଁ ଗୋଟିଏ ଖୁତ୍‌ବାରେ ଘୋଷଣା କରିଥିଲି ଯେ, କେତେକ ମନ୍ଦ ପ୍ରଥା ପ୍ରଚଳିତ ହେବା ଆରମ୍ଭ ହେଲାଣି । ଏତଦ୍‌ଦ୍ୱାରା ଜାତିୟ ସଂସ୍କାର ବୁଡ଼ି ଯିବ ଓ ଘରମାନଙ୍କରୁ ଶାନ୍ତି ଉଠିଯିବ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ପତୀ ପତ୍ନୀଙ୍କ ମଧ୍ୟରୁ ବିଶ୍ୱାସର ସମ୍ପର୍କ ତୁଟି ଯିବ । ତଥା ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଯିବ । ତେଣୁ କଦାପି ଏଭଳି ଚିନ୍ତାଧାରାକୁ ମୁଣ୍ଡ ଟେକିବାକୁ ବା କଅଁଳିବାକୁ ଦିଅନ୍ତୁ ନାହିଁ । ଅତଏବ ଚତୁର୍ଥ ଖଲିଫା କୁହନ୍ତି ପାକିସ୍ତାନରୁ ମତେ ଯେଉଁ ରିପୋର୍ଟସ ମିଳୁଅଛି ସେଥିରେ ମୋ ହୃଦୟ ପ୍ରଭୁଙ୍କ ଆସ୍ଥାନରେ ନତମସ୍ତକ ହେଲା ଏବଂ ବାରମ୍ବାର ହୋଇଚାଲିଛି କାରଣ ସେହି ଲୋକମାନେ ଯେ କେତେକ ଅପକର୍ମ ଓ ମନ୍ଦଭ୍ୟାସରେ କବଳିତ ଥିଲେ । ସେମାନେ ନିର୍ମଳ ଭାବରେ ଲେଖିଲେ ଯେ, ଆମେ କେତେକ ଭୁଲ୍ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲୁ କିନ୍ତୁ ପ୍ରଭୁଙ୍କ କୃପାରୁ ଓ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ଯମାତ୍‌ରେ ଅନ୍ତର୍ଭୁକ୍ତ ହୋଇଥିବା ଯୋଗୁଁ ତଥା ଆପଣଙ୍କ ପବିତ୍ର କଥନ ସିଧାସଳଖ ଶୁଣିବା ଯୋଗୁଁ ଆମ ଭିତରେ ବସା ବାନ୍ଧିଯାଇଥିବା ସେହି ସମସ୍ତ ଛଳନାପୂର୍ଣ୍ଣ ପ୍ରତିମୂର୍ତୀ ଭାଙ୍ଗିରୁଜି ଯାଇଛି ଓ ଆମେ ତାହାକୁ ନିଜ ହୃଦୟରୁ କାଢ଼ି ଫିଙ୍ଗି ଦେଇଛୁ । ଏବେ ଆପଣ କୁହନ୍ତି ଯମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ପୂଣ୍ୟକଥା ପାଇଁ ଡ଼ାକରା ଦେଲେ । ସେଥିରେ ହାଜର ହେବାର ଯେଉଁ ଉତ୍ସୁକତା ରହିଛି ତାହା ଯମାତ୍‌ର ସତ୍ୟତାର ଅସଲ ଆତ୍ମା ଏବଂ ଏହି ଜିନିଷ କଦାପି କୌଣସି ମିଥ୍ୟା ଓ ମନଗଢ଼ା ସଂସାର ଗଢ଼ିପାରିବ ନାହିଁ । ***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୧୧, ପୃ-୯୨୦)***

ବର୍ତମାନ ଅର୍ଥାତ ମୋ ସମୟ କାଳରେ ୨୦୦୪ ମସିହାରେ ମୁଁ ନାଇଜେରିଆର ଗସ୍ତରେ ଯାଇଥିଲି । ଦୁଇଦିନର ଗସ୍ତ ଥିଲା ପ୍ରଥମେ ସେମିତି କିଛି କାର୍ଯ୍ୟକ୍ରମ ନଥିଲା । ସଂଯୋଗବସତଃ କାର୍ଯ୍ୟକ୍ରମ ହୋଇଗଲା କାରଣ ସେଠାରୁ ଫ୍ଲାଇଟ ନଥିଲା କିନ୍ତୁ ସେଠାକୁ ଯାଇ ଅନୁଭବ ହେଲା ଏଠାକୁ ଆସିବା ଅତ୍ୟନ୍ତ ଜରୁରି ଥିଲା ନ ଆସିଥିଲେ ବହୁତ ବଡ଼ ଭୁଲ ହୋଇଯାଇଥାନ୍ତା । କିଛି ସମୟ ପୂର୍ବରୁ ନାଇଜେରିଆର ଜଲ୍‌ସା ଅନୁଷ୍ଠିତ ହୋଇଯାଇଥିଲା । ଉକ୍ତ ଜଲ୍‌ସାରେ ବହୁଳ ସଂଖ୍ୟାରେ ଲୋକେ ସାମିଲ ହୋଇଥିଲେ । ଆମର ଆଶା ନଥିଲା କି ମୋର ସେଠାରେ ପଂହଚିବା ଦ୍ୱାରା ଦୂରଦୂରାନ୍ତରୁ ଲୋକେ ମୋ ସହ ସାକ୍ଷାତ କରିବା ନିମନ୍ତେ ସୁଅ ଛୁଟିବ ଏବଂ ମାତ୍ର ଦୁଇଘଂଟା ପାଇଁ ଧାର୍ଯ୍ୟ ଥିବା ସାକ୍ଷାତକାର ସମୟରେ ପାଖାପାଖି ୩୦ ହଜାର ପୁରୁଷ ଓ ମହିଳା ଏକତ୍ରିତ ହୋଇଯିବେ । ତାଙ୍କର ନିଷ୍ଠା ଓ ଭକ୍ତିଭାବ ଭାବନା ଯାହା ଆମେ ଅବଲୋକନ କଲୁ ତାହା ଦେଖିବା ଯୋଗ୍ୟ ଥିଲା ।

ଖଲିଫା ଓ ଖିଲାଫତ୍ ସହ ତାଙ୍କ ନିଷ୍ଠାପରତା ଓ ପ୍ରେମ ତଥା ପ୍ରିତିଭରା ସମ୍ପର୍କ ରହିଛି ତାହା ବର୍ଣ୍ଣନା ବାହାରେ । ସେ ଯେ କି କଦାପି ଖଲିଫାଙ୍କୁ ଦେଖିନାହାନ୍ତି । ଯେତେବେଳେ ସେମାନେ ଚଳିତ ଖଲିଫାଙ୍କୁ ସ୍ୱଚକ୍ଷୁରେ ଦେଖିନେଲେ ବା ଦେଖିବାପାରେ ତାଙ୍କର ପ୍ରତିକ୍ରିୟା ଅଭୁତପୂର୍ଣ୍ଣ ଥିଲା । ପରିବର୍ତନ ସମୟରେ ପ୍ରତ୍ୟାବର୍ତନ ସମୟରେ ସାମୁହିକ ଦୁଆରେ କେତେକ ମହିଳା ଓ ପୁରୁଷ ଏଭଳି ଭାବବିହ୍ୱଳ ହୋଇ ଏଭଳି ଅସ୍ଥିର ହୋଇ ଓ ଛଟପଟ ହେଉଥିଲେ କି ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ମନେ ହେଉଥିଲା ଏବଂ ଏହି ପ୍ରେମ ଓ ପ୍ରିତିଭାଜନ କେବଳ ଅଲ୍ଲାଃ ଉତ୍ପନ୍ନ କରିପାରନ୍ତି ଏବଂ ପ୍ରଭୁଙ୍କ ଖାତିର୍ ହୋଇପାରେ । ମୌଲବୀମାନେ କହୁଛନ୍ତି କି ଆମେ ଆଫ୍ରିକାରେ ଅମକ ଅମକ ଦେଶରେ ଯମାତ୍‌ର ମିଶନ୍ ହାଉସ୍ ବନ୍ଦ କରିଦେଲୁ କିନ୍ତୁ ସେମାନଙ୍କୁ କେହି ପଚାରିବେ କି ଏହି ନିଷ୍ଠା ଓ ବିଶ୍ୱସ୍ତତାର ଏତାଦୃଶ୍ୟ ଆମେ ଦେଖୁଅଛୁ ଓ ଏମ୍.ଟି.ଏ ମାଧ୍ୟମରେ ସମଗ୍ର ବିଶ୍ୱବାସୀ ଦେଖୁଛନ୍ତି ଏସବୁ କଣ ? କଣ ଏହା ମିଶନ ହାଉସ ବନ୍ଦ କରିବାର ପରିଣାମ ? ସେ ଯାହା ହେଉ ସେମାନେ ତ ନିଜ ବଡ଼ପଣିଆ ବଖାଣୁଥିବେ । କିନ୍ତୁ ଏ ସବୁ ଆମ ବିଶ୍ୱାସକୁ ଆହୁରି ସୁଦୃଢ଼ କରୁଅଛି ।

***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୨, ପୃ-୨୫୩-୨୫୪)***

୨୦୦୮ ମସିହାରେ ମୋର ଗସ୍ତ ଘାନା ଅଭିମୁଖେ ହେଲା । ଅଲ୍ଲାଃଙ୍କ କୃପାରୁ ସେଠାରେ ଯମାତ୍ ଏକ ଜମି କିଣିଥିଲା ଯାହାକି ୫୦୦ ଏକରର ଏକ ପ୍ରସସ୍ତ ଜମିଥିଲା । ସେଠାରେ ଜଲ୍‌ସା ଅନୁଷ୍ଠିତ ହେଲା ଏବଂ ମୋର ପହଂଚିବା ପୂର୍ବରୁ ସେଠାରେ ଅଧିକାଂଶ ପୁରୁଷ ମହିଳା ଉପସ୍ଥିତ ହୋଇଯାଇଥିଲେ । ଉକ୍ତ ଜମିରେ ପୂର୍ବେ ଏକ ପୋଲ୍‌ଟ୍ରି ଫାର୍ମର ଶେଡ଼ (Shed) ଥିଲା ଯାହାକୁ ବଦଳାଇ ଅତିଥିମାନଙ୍କ ରହିବା ଉପଯୋଗୀ ପ୍ରସ୍ତୁତ କରାଯାଇଥିଲା । ତଥାପି ତାହା ଲୋକମାନଙ୍କ ପାଇଁ ପ୍ରଯ୍ୟାପ୍ତ ନଥିଲା । ଏଥି ସତ୍ୱେ କେହି ହେଲେ ଅଭିଯୋଗ କଲେ ନାହିଁ । ଜଲ୍‌ସାରେ ସାମିଲ ହୋଇଥିବା ଉକ୍ତ ଅତିଥିମାନଙ୍କ ମଧ୍ୟରେ ଅନେକ ଏପରି ଥିଲେ ଯେ ବେଶ୍ ସମ୍ଭ୍ରାନ୍ତବର୍ଗ ଓ ଧର୍ନାଢ଼୍ୟ ତଥା କାରବାରୀ ବ୍ୟକ୍ତି ଥିଲେ । ଏପରି ଲୋକେ ଯେତେବେଳେ ଶେଡ଼୍‌ରେ ସ୍ଥାନ ପାଇଲେ ନାହିଁ ସେତେବେଳେ ସେମାନେ ମୁକ୍ତ ଆକାଶ ତଳେ ଚଟାଣ ବିଛାଇ ଆରାମରେ ଶୋଇପଡ଼ିଲେ । ଏପରି ସେମାନେ ନିଜ ଧର୍ଯ୍ୟର ନମୁନା ପ୍ରଦର୍ଶନ କରିଥିଲେ । କେହି ତାଙ୍କୁ ପଚାରିଲେ କି ତୁମେମାନେ ତ ବେଶ୍ କଷ୍ଟରେ ଅଛ ଏଥିରେ ସେମାନେ ଉତର ଦେଲେ ଆମେ ଜଲ୍‌ସା ଶୁଣିବାକୁ ଆସିଛୁ ଏବଂ ଖଲିଫାଙ୍କ ଉପସ୍ଥିତିରେ ଜଲ୍‌ସା ଅନୁଷ୍ଠିତ ହେଉଅଛି ଦୁଇଦିନର କ୍ଷଣିକ କଷ୍ଟ ଭୋଗ କରିନେଲେ କଣ କ୍ଷତି ହୋଇଯିବ ? ଆମେ ଆନନ୍ଦିତ ଯେ ପ୍ରଭୁ ଆମକୁ ଏପରି ଜଲ୍‌ସାରେ ଯୋଗ ଦେବାକୁ ଶକ୍ତି ପ୍ରଦାନ କଲେ ।

ବୁର୍‌କିନାଫାସୋରୁ ଓ ଅନ୍ୟାନ୍ୟ ପଡ଼ୋଶୀ ଦେଶମାନଙ୍କରୁ ମଧ୍ୟ ଲୋକେ ସେଠାକୁ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

‘‘ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି’’

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

# CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା’ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |

| | |
|---|---|
| (ii) | Chelidonium Maj - 1x |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

## ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂଦ୍ଧ୍ୟାରେ ତା’ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ଆସିଥିଲେ । ବୁର୍‌କିନାଫାସୋରୁ ଆସିଥିବା କାଫିଲା ବେଶ୍ ଅଧିକ ସଂଖ୍ୟକ ଥିଲା । ସେମାନେ ପାଖାପାଖି ୩ହଜାର ସଂଖ୍ୟା ବିଶିଷ୍ଟ ଥିଲେ ସେମାନଙ୍କୁ ଖାଇବା ମିଳିଲା ନାହିଁ ପାଖାପାଖି ୩୦୦ ଖୁଦାମ୍ ସାଇକେଲ୍‌ରେ ୧୬୦୦ କିମି ଦୀର୍ଘ ଯାତ୍ରା କରି ଆସିଥିଲେ । ସେ ଯାହା ହେଉ ଖାଇବା ସରିଯାଇଥିବା ଯୋଗୁଁ ତାଙ୍କୁ ବ୍ୟବସ୍ଥା ପରିଚାଳକ ଆସି କ୍ଷମାଜାଚନା କଲେ । ଉତରରେ ସେମାନେ କହିଲେ ଆମେ ଯେଉଁ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଥିଲୁ ତାହା ଆମେ ପାଇନେଲୁ । ଖାଇବାର କଣ ଅଛି ତାହା ତ ଆମେ ପ୍ରତିଦିନ ଖାଇଥାଉ କିନ୍ତୁ ବର୍ତମାନ ଆମେ ଆଧାତ୍ମିକ ଖାଦ୍ୟ ସେବନ କରିନେଇଛୁ ଯାହାକି ପ୍ରତିଦିନ ମିଳେନା । ତେବେ ବୁର୍‌କିନାଫାସୋ ଯମାତ୍ ଏତେ ପୁରୁଣା ଯମାତ୍ ନୁହେଁ ଯେତେବେଳେ ସେହି ଯମାତ୍ ଦଶ ପନ୍ଦର ବର୍ଷର ଥିଲା । ଏବେ ପାଖାପାଖି ୩୦ ବର୍ଷ ପୁରୁଣା ହେବ । କିନ୍ତୁ ସେମାନଙ୍କ ନିଷ୍ଠା, ବିଶ୍ୱସ୍ତତା ଓ ଭଲପାଇବା ଆଦିରେ ଉନ୍ନତି କରିବା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ପୁଣି ସେମାନଙ୍କ ଅଭାବ ଅନଟନ ଅବସ୍ଥା କହିଲେ ନ ସରେ । ସେମାନେ ସେମାନଙ୍କ ମଧ୍ୟରୁ କେତେକ ମାତ୍ର ହଳେ ବସ୍ତ୍ର ପିନ୍ଧି ଆସିଥିଲେ ଓ ସେଠାରେ ତିନି ଚାରିଦିନ ଅବା ସପ୍ତାହ କାଟି ନିଜ ଘରକୁ ପ୍ରତ୍ୟାବର୍ତନ କରିଥିଲେ ଏବଂ ସେହି ପୋଷାକରେ ପ୍ରତ୍ୟାବର୍ତନ କରିଥିଲେ । ଗୋଟିଏ ଗୋଟିଏ ଟଙ୍କା ଜମା କରି ଖିଲାଫତ୍ ଜୁବ୍‌ଲି ଜଲ୍‌ସାରେ ଅଂଶଗ୍ରହଣ କରିବାକୁ ଚାଲିଆସିଥିଲେ । ଏବେ ଏହି ପ୍ରେମ ଓ ପ୍ରିତିଭାବନା ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କିଏ ଲୋକମାନଙ୍କ ହୃଦୟରେ ଉତ୍ପନ୍ନ କରିପାରିବ । ସାଇକେଲରେ ଯାତ୍ରା କରି ଆସିଥିବା ଖୁଦାମ୍‌ମାନେ ବିଭିନ୍ନ ସ୍ଥାନରେ ଅଟକି ଅଟକି କ୍ରମାଗ୍ରତ ଭାବରେ ସାତଦିନ ଯାତ୍ରା କରି ଲକ୍ଷ୍ୟସ୍ଥଳରେ ପହଂଚିଥିଲେ । ସେମାନଙ୍କ ମଧ୍ୟରେ ପଚାଶ ଷାଠିଏ ବର୍ଷିୟ ବୃଦ୍ଧ ବୟସ୍କ ବ୍ୟକ୍ତି ମଧ୍ୟ ସାମିଲ ଥିଲେ । ତଥା ଚଉଦ ପନ୍ଦର ବର୍ଷୀୟ ପିଲା ମଧ୍ୟ ସାମିଲ ଥିଲେ । କେହି ଜଣେ ତାଙ୍କର ସଦର ସାହେବଙ୍କୁ ପଚାରିଲେ ଏଭଳି ଦୀର୍ଘ ଦୁରତାକୁ ଅତିକ୍ରମ କରିବାରେ ବେଶ୍ କଷ୍ଟ ହୋଇଥିବ । ଏଥିରେ ସେ ଉତର ଦେଲେ ପ୍ରାରମ୍ଭିକ ମୁସଲମାନମାନେ ଇସ୍‌ଲାମ ଖାତିର୍ ଅଗଣିତ ବଳିଦାନ ଦେଇଛନ୍ତି । ବର୍ତମାନ ଆମ ଇଚ୍ଛା ଆମେ ଇଚ୍ଛା ପ୍ରକାଶ କଲୁ କି ଆମ ଖୁଦାମ୍ ମଧ୍ୟ ସମସ୍ତ ପ୍ରକାର ବଳିଦାନ ପାଇଁ ପ୍ରସ୍ତୁତ ରୁହନ୍ତି ଏବଂ ଖିଲାଫତ ଜୁବ୍‌ଲିର ଅବସରରେ ଏଭଳି କାର୍ଯ୍ୟକ୍ରମ କରି ନିଜ ନିଷ୍ଠା ଓ ବିଶ୍ୱସ୍ତତାର ପରିପ୍ରକାଶ କରି ହଜୁରଙ୍କୁ ଏହି ସନ୍ଦେଶ ଦେବାକୁ ଚାହୁଁଥିଲୁ ଯେ ଆମେ ସମସ୍ତ ପ୍ରକାର ବଳିଦାନ ପାଇଁ ପ୍ରସ୍ତୁତ ଅଛୁ ଏବଂ ସମସ୍ତ ଚ୍ୟାଲେଞ୍ଜକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛୁ । ଯେତେବେଳେ ଏହି ସାଇକେଲ ଆରୋହୀ ଯାତ୍ରା ଆରମ୍ଭ କରିବାକୁ ଲାଗିଲେ ସେତେବେଳେ ଟିଭିର ପ୍ରତିନିଧି ସେଠାରେ ଆମମାନଙ୍କୁ ପଚାରିଲେ ଯେ ଆପଣମାନଙ୍କର ସାଇକେଲର ତ ସୋଚନୀୟ ଅବସ୍ଥା ରହିଛି ଏଠିକାର ଅର୍ଥାତ ୟୁରୋପର ସାଇକେଲ ପରି ତାହା ନୂତନ ଓ ଆଡ଼ଭାନ୍ସ ନୁହେଁ । ବରଂ ଅତି ପୁରୁଣା ଓ ଭଙ୍ଗାରୁଜା ଓ ସାଧାରଣମାନର ଅଛି ତେବେ ପ୍ରତି ଉତରରେ ଯମାତ୍‌ର ପ୍ରତିନିଧି ତାଙ୍କୁ କହିଲେ ଯଦିଓ ସାଇକେଲର ଅବସ୍ଥା ସୋଚନୀୟ କିନ୍ତୁ ଆମମାନଙ୍କର ବିଶ୍ୱାସ ଓ ସତ୍ ସାହାସ ବେଶ୍ ବଡ଼ ଆମେମାନେ ଖିଲାଫତ୍‌ର ପୁରସ୍କାରର କୃତଜ୍ଞତା ସ୍ୱରୁପ ଏହି ସାଇକେଲ ଯାତ୍ରା ଆରମ୍ଭ କରିଛୁ ଏବଂ ଯେତେବେଳେ ଏହି ଖବରଟି ଜାତୀୟ ଗଣମାଧମରେ ଏହା ପ୍ରସାରିତ ହେଲା ସେତେବେଳେ ସେହି ଟିଭି ଚ୍ୟାନେଲ୍‌ରେ ଯେଉଁ ମୁଖ୍ୟ ଖବରଟି ପଢ଼ାଯାଇଥିଲା ତାହା ଏପରି ଥିଲା, କି ଅଲ୍ଲାଃ ତାଲାଙ୍କ ପାଇଁ ଖିଲାଫତ୍ ଜୁବ୍‌ଲି ନିମନ୍ତେ ଓ୍ୱାଗାରୁ ଇକ୍‌ରା ଅଭିମୁଖେ ସାଇକେଲ ଯାତ୍ରା । ଓ୍ୱାଗା ହେଉଛି ବୁର୍‌କିନାଫାସୋର ରାଜଧାନୀ ଏବଂ ଇକ୍‌ରା ହେଉଛି ଘାନାର ରାଜଧାନୀ ଏବଂ ଲେଖିଲା କି ଯଦିଓ ସାଇକେଲ ଗୁଡ଼ିକର ଅବସ୍ଥା ସୌଚନୀୟ ଥିଲା କିନ୍ତୁ ବିଶ୍ୱାସ ଅତ୍ୟନ୍ତ ଦୃଢ଼ ଓ ଅଟଳ ରହିଥିଲା ଏହି ଖବରଟି ଖବରକାଗଜରେ ମଧ୍ୟ ମୁଖ୍ୟ ଖବର ଭାବରେ ପ୍ରଚାରିତ ହେଲା । ଏହି ଅହେମଦୀମାନେ କୌଣସି ଜନ୍ମଗତ ଅହେମଦୀ ନଥିଲେ । ସେମାନଙ୍କ ମଧ୍ୟରୁ କେହି ହେଲେ ସାହାବାମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ ନଥିଲେ ବରଂ ହଜାର ମାଇଲ ଦୁରରେ ବସିଥିବା ଏଭଳି କେତେକ ଅଂଚଳରେ ବସବାସ କରୁଥିବା ବ୍ୟକ୍ତି ଥିଲେ ଯେଉଁଠି କଚ୍ଚା ରାସ୍ତା ଓ ସଡ଼କ ରହିଛି ଓ କେତେକ ସ୍ଥାନରେ ସଡ଼କ ମଧ୍ୟ ଦେଖିବାକୁ ମିଳିନଥାଏ । କିନ୍ତୁ ଲୋକମାନେ କିଛି ବର୍ଷପୂର୍ବେ ଅହେମଦୀୟତ ଗ୍ରହଣ କରି ଯେଉଁଠି ପାନୀୟଜଳ ସମସ୍ୟା ଓ ବିଦ୍ୟୁତର ସୁବିଧା ସୁଯୋଗ ନାହିଁ ଏହି ସାଇକେଲଚାରୀମାନେ ଅହେମଦୀୟତର ଦୀକ୍ଷା ନେଇ ନିଷ୍ଠା ଓ ବିଶ୍ୱସ୍ତତାର ଉଦାହରଣ ପ୍ରଦର୍ଶନ କରିଥିଲେ । ଯାହାକୁ ଦେଖି ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଥାଏ । କେତେକ ସ୍ଥାନରେ ସେହି ନବାଗତ ଅହେମଦୀମାନଙ୍କୁ ଦାରିଦ୍ର୍ୟତାର ପଶାଘାତ ଓ ଅଭାବ ଓ ଅନଟନ ସମ୍ପୁର୍ଣ୍ଣରୂପେ ଜର୍ଜରିତ କରିଅଛି । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ସଚ୍ଚୋଟ ସେବକଙ୍କର ଯମାତ୍‌ରେ ସାମିଲ ହୋଇ ସେମାନଙ୍କ ମଧ୍ୟରେ ଏଭଳି ନିଷ୍ଠା ଜାତ ହୋଇଯାଇଛି ଯେ ଯେଉଁଠି ଧର୍ମସକ୍ରାନ୍ତିୟ ପ୍ରଶ୍ନ ଉଜ୍ଜିବିତ ହେଉଥିଲା ସେଠାରେ ସେମାନଙ୍କର ଦୃଢ଼ ମନୋବଳ ଚଟାଣ ପରି ଶକ୍ତ ଦୃଶ୍ୟମାନ ହେଉଥିଲା ଏବଂ ସେମାନେ ପ୍ରତ୍ୟେକ ତ୍ୟାଗ ପାଇଁ ପ୍ରସ୍ତୁତ ଓ ପ୍ରେମରେ ପରିପୂର୍ଣ୍ଣ ଥିଲେ ଅତଃ ଆମମାନଙ୍କୁ ସର୍ବଦା ଏହି ଦୁଆ କରିବା ଉଚିତ ଯେ, ଅଲ୍ଲାଃ ତାଲା ସେମାନଙ୍କ ବିଶ୍ୱାସ ଓ ନିଷ୍ଠାକୁ ବୃଦ୍ଧି କରନ୍ତୁ ଏବଂ ଆମମାନଙ୍କର ନିଷ୍ଠା ଓ ବିଶ୍ୱାସକୁ ମଧ୍ୟ ବୃଦ୍ଧି କରନ୍ତୁ ।

ବୁର୍‌କିନାଫାସୋରେ ଇସା ସାହେବ ନାମକ ଜଣେ ବନ୍ଧୁ ବାସ କରନ୍ତି, ଯେତେବେଳେ ତାଙ୍କୁ ପଚାରାଗଲା ଯେ ଆପଣ କେବେ ବୟତ କରିଥିଲେ । ସେତେବେଳେ ସେ କହିଲେ କି ମୁଁ ୨୦୦୫ ମସିହାରେ ବୟତ କରିଥିଲି ଏବଂ ସେତେବେଳକୁ ୩ବର୍ଷ ପୁରିଯାଇଥିଲା । ସେ କୁହନ୍ତି ଯେ ମୁଁ କଣ କହିବି ମୋ ପାଖରେ ଭାଷା ନାହିଁ ମୁଁ କେଡ଼େ ସୌଭାଗ୍ୟଶାଳୀ ଏବଂ ମୁଁ କିଭଳି ସୁନ୍ଦର ଯମାତ୍ ଟିଏ ପାଇଲି ମୋ ପକ୍ଷରେ ଏହି ଆନନ୍ଦର ପରିପ୍ରକାଶ କରିବା ସୀମା ବହିବୃତ ଅଟେ । କାରଣ ମୁଁ ଆଜି ହିଁ ଖଲିଫାଙ୍କୁ ଦେଖିଲି ଓ ସାକ୍ଷାତ କଲି । କେତେକ ଲୋକଙ୍କ ଲୁହ ଖିଲାଫତ୍ ସହିତ ପ୍ରେମ ସମ୍ପର୍କ ଯୋଗୁଁ ସେମାନଙ୍କ ଚକ୍ଷୁରୁ ବୋହିପଡୁଥିଲା । ସୁତରାଂ ଏହା ହେଉଛି ସେହି ନିଷ୍ଠା ଓ ବିଶ୍ୱସ୍ତତା ଯାହାକି ନୂତନରୂପେ ସ୍ଥାପିତ ହୋଇଥିବା ଯମାତ୍‌ରେ ଦୃଶ୍ୟମାନ ହୁଏ ।

*(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୬, ପୃ-୧୮୧-୧୮୬)*

ଗତବର୍ଷ କୌଣସି ଜଣେ ଉପଦ୍ରବକାରୀ ଏକ ଭୁଲ୍ ବୁଝାମଣାକୁ କେନ୍ଦ୍ର କରି ବିଶୃଙ୍ଖଳା ସୃଷ୍ଟି କରିବାର ଅପଚେଷ୍ଟା କରିଥିଲା । ଯମାତ୍‌ର କେତେକ ନ୍ୟଷ୍ଟିକ ଖୁଦାମ୍‌ମାନେ ମଧ୍ୟ ଉକ୍ତ ଉପଦ୍ରବକାରୀର ଝାସାଂରେ ଆସିବା ଯୋଗୁଁ ସେମାନଙ୍କ ବ୍ୟବହାରରେ ପରିବର୍ତନ ପରିଲକ୍ଷିତ ହୋଇଥିଲା । ସେମାନେ ନିଜକୁ ଅହେମଦୀ କହୁଥିଲେ କିନ୍ତୁ ସେମାନେ ନିଜାମ୍ ଅର୍ଥାତ ବ୍ୟବସ୍ଥାଠାରୁ ଅଲଗା ହେବାକୁ ପ୍ରୟାସ କରୁଥିଲେ । ସେ ଯାହା ହେଉ ନା କାହିଁକି ମୁଁ ସେଠାକୁ ମାଲିରୁ ଜଣେ ମୁବ୍‌ଲିଗ୍ ସାହେବଙ୍କୁ ପ୍ରେରଣ କଲି ସେ ସେଠିକାର ସ୍ଥାନୀୟ ଅଧିବାସୀ ଥିଲେ । ଅର୍ଥାତ ମାଆଜ୍ ସାହେବ ସେଠାକୁ ଯାଇ ସେମାନଙ୍କୁ ବୁଝାଇଲେ ଯେ ତୁମେମାନେ ଏକପକ୍ଷରେ ଏହା କହୁଛ ଯେ, ଖିଲାଫତ ସହିତ ତୁମର ଦୃଢ଼ ସମ୍ପର୍କ ରହିଛି ପୁନଶ୍ଚ ଅପରପକ୍ଷରେ ତୁମେମାନେ ଯମାତଠାରୁ ଦୁରେଇ ଯିବାକୁ ଚାହୁଁଛ ତାହା ତ ଠିକ୍ ନୁହେଁ । ତେବେ ଏହାପରେ ସମସ୍ତ ଯୁବକମାନେ କ୍ଷମାପତ୍ର ଲେଖିବା ଆରମ୍ଭ କରିଦେଲେ ଏବଂ ସେମାନେ କହିଲେ କି ଏକ ସାମାନ୍ୟ ଭ୍ରମ ଯୋଗୁଁ ଏବଂ ସଂସ୍କାରର ଅଭାବ ଯୋଗୁଁ ସେମାନେ ସେହି ଯୁବକର କଥାରେ ଆସିଯାଇଥିଲେ । ଆମମାନଙ୍କର ଖିଲାଫତ ସହିତ ବିଶ୍ୱସ୍ତତା ପୂର୍ଣସମ୍ପର୍କ ରହିଛି ଏବଂ ଆମେମାନେ ଖିଲାଫତ ଠାରୁ ପୃଥକ ହେବା କଥା ଚିନ୍ତା କରିପାରିବୁ ନାହିଁ । ସୁତରାଂ ସେମାନଙ୍କଠାରେ ସଂସ୍କାରର ଅଭାବ ଥିବାରୁ ସେମାନେ ପଥଭ୍ରମିତ ହୋଇଯାଇଥିଲେ । କିନ୍ତୁ ଅଲ୍ଲାଃ ଙ୍କ କୃପାରୁ ସେମାନେ ପୂର୍ନବାର ଯମାତ୍‌ରେ ସାମିଲ ହୋଇଗଲେ । ସେମାନଙ୍କୁ ଯେତେବେଳେ ବୋଧ କରାଗଲା ସେତେବେଳେ ସେମାନେ ଯଥାଶିଘ୍ର ନିଜର ଦୋଷ ସ୍ୱୀକାର କରିନେଲେ ଏବଂ ସେମାନେ ଖିଲାଫତ ସହିତ ପୂର୍ଣ୍ଣ ବିଶ୍ୱସ୍ତତାର ସମ୍ପର୍କ ପଦର୍ଶନ କରି କହିଲେ ଯେତେବେଳେ ଆମେମାନେ ଅଲଗା ହେବାକୁ ଚାହିଁଥିଲୁ ସେତେବେଳେ ମଧ୍ୟ ଆମେ ଖିଲାଫତଠାରୁ ପୃଥକ ହୋଇନଥିଲୁ ବରଂ ଆମେମାନେ ଯମାତ୍‌ର କେତେକ ପଦାଧୀକାରୀଙ୍କ ଠାରୁ ପୃଥକ ହୋଇଥିଲୁ । ସେ ଯାହା ହେଉନା କାହିଁକି ଏହା ହେଉଛି ସେମାନଙ୍କର ନିଷ୍ଠା ଓ ବିଶ୍ୱସ୍ତତା ।

ସେହି ପରି ଗାମ୍ବିୟାରୁ ଆସିଥିବା ଅହେମଦୀମାନଙ୍କର ମଧ୍ୟ ଏହିପରି ଅବସ୍ଥା ଥିଲା । ସେହିପରି ଆଇଭରି କୋଷ୍ଟ ଓ ଅନ୍ୟ ରାଷ୍ଟ୍ରରୁ ଆସିଥିବ ଅହେମଦୀମାନଙ୍କର ମଧ୍ୟ ଏହିପରି ଅନୁଭୁତି ଥିଲା । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଷ୍ଠା ଓ ବିଶ୍ୱସ୍ତତାରେ ପରସ୍ପରଠାରୁ ଆଗରେ ବଢ଼ିଚଢ଼ି ରହିଥିଲା ।

ଘାନାରେ ଜଲ୍‌ସା ସମୟରେ, ପୂର୍ବେ ମଧ୍ୟ ମୁଁ ଆଲୋଚନା କରିସାରିଛି ଯେ ଆମର ଯେଉଁଠି ନିବାସ ସ୍ଥାନ ଥିଲା ସେଠାରୁ ଜଲ୍‌ସାଗାଃର ଦୁରତା ବେଶ୍ ଅଧିକ ଥିଲା । ରାସ୍ତା ଅଙ୍କାବଙ୍କା ରହିଥିଲା ଏଣୁ ଏକ କିଲୋମିଟର ଅତିରିକ୍ତ ଦୂରତା ଅତିକ୍ରମ କରିବାକୁ ପଡୁଥିଲା । ମହିଳାମାନେ ପିଲାମାନଙ୍କୁ କୋଳରେ ଧରି ଛିଡ଼ା ହୋଇଥଲେ ଏବଂ ସଲାମ୍ କରୁଥିଲେ । ପ୍ରେମରେ ଏକ ଅଭିନବ ପ୍ରଦର୍ଶନ ସେମାନଙ୍କ ମୁଖ ମଣ୍ଡଳରୁ ଝଡ଼ିପଡୁଥିଲା । ଖିଲାଫତ ଜୁବ୍‌ଲିର ଜଲସାରେ ମହିଳାମାନଙ୍କର ସଂଖ୍ୟା ପ୍ରାୟ ୫୦ ହଜାର ଥିଲା ଏବଂ ସମସ୍ତେ ନିଷ୍ଠା ଓ ବିଶ୍ୱସ୍ତତାର ଭାବ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କ ଏହି ପ୍ରେମ ସେମାନଙ୍କର ବ୍ୟବହାର ସେମାନଙ୍କ ମୁଖମଣ୍ଡଳରୁ ପ୍ରସ୍ଫୁଟିତ ହେଉଥିଲା । ପୁନଶ୍ଚ ଏହି ସମସ୍ତ ଲୋକମାନେ ନିଜ ନିଜ ନମାଜର ସୁରକ୍ଷା କରିବା ମଧ୍ୟ ଜାଣନ୍ତି, ଏମାନେ ସାମୁହିକ ନମାଜରେ ଏବଂ ତହ୍‌ଯୁଦ୍‌ରେ ମଧ୍ୟ ନିୟମିତ ରୂପେ ସାମିଲ ହୋଇଥିଲେ ।

ହଜୁର ର:ଅ କହିଲେ ଯେ ମୁଁ ଦ୍ୱିତୀୟଥର ଯେତେବେଳେ ବେନିନ୍‌ରୁ ନାଇଜେରିଆକୁ ବାଇ ରୋଡ଼ ଗଲି ବା ଯାତ୍ରା କଲି ଏହି ଘଟଣାଟି ବୋଧ ହୁଏ ୨୦୦୪ ମସିହାର, ଗୋଟିଏ ସ୍ଥାନରେ ମତେ ଅଟକିବାକୁ ପଡ଼ିଥିଲା । ପ୍ରଥମେ ତ ଏହି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ନଥିଲା କିନ୍ତୁ କୁହାଗଲା ଯେ, ହଜୁର ନୂତନ ମସ୍‌ଜିଦ୍ ନିର୍ମିତ ହୋଇଛି ଦେଖି ଚାଲିବା । ତେବେ ସେଠାରେ ଲୋକମାନେ ଉପସ୍ଥିତ ଥିଲେ ସେହି ସମସ୍ତ ଲୋକମାନଙ୍କର ଅର୍ଥାତ ପୁରୁଷ ଓ ପିଲାମାନଙ୍କର ଏହି ଅଭିଳାଷା ଥିଲା ଯେ ହଜୁର ର:ଅଙ୍କ ସହିତ କରମର୍ଦ୍ଦନ ହୋଇଯାଉ । ମହିଳାମାନେ ଏହା ଚାହୁଁଥିଲେ ଯେ ସେମାନେ ହଜୁରଙ୍କୁ ନିକଟରୁ ଦେଖିନିଅନ୍ତୁ । କିନ୍ତୁ ସମୟ ଅଭାବ ଯୋଗୁଁ କରମର୍ଦ୍ଦନ ତ ସମ୍ଭବ ନଥିଲା କିନ୍ତୁ

ଯେଉଁମାନେ ଜୋର୍ ଦେଇ କରମର୍ଦ୍ଦନ କରିପାରୁଥିଲେ ସେମାନେ କରମର୍ଦ୍ଦନ କରିନେଇଥିଲେ । ଏହି ପ୍ରବଳ ଭିଡ଼ରେ ଆମ ଯାତ୍ରା ସମୁହର ଜଣେ ସାଥି କୌଣସି ଏକ ମହିଳାଙ୍କୁ କହିଲେ କି ପଛକୁ ଘୁଁଚି ଯାଆନ୍ତୁ କାରଣ ବହୁଳ ଜନସମାଗମ ଯୋଗୁଁ ସୁରକ୍ଷା ଦାୟିତ୍ୱରେ ବହୁତ ଚାପ ପଡ଼ିଯାଉଛି । ସେହି ମହିଳାଜଣକ ଭିଷଣ ଭାବରେ ଉତ୍ୟକ୍ତ ହୋଇ ଆଗକୁ ଆସିଲେ ଏବଂ ଏପରି ଜଣାପଡୁଥିଲା ଯେପରି ସେ ମହିଳା ଉକ୍ତ ବ୍ୟକ୍ତିକୁ ଉଠାଇ ବାହାରକୁ ଫିଙ୍ଗି ଦେବେ ଯେ ମୋର ଓ ମୋ ଖଲିଫାଙ୍କ ମଧ୍ୟରେ ଛିଡ଼ା ହେବାକୁ ତୁମେ ବା କିଏ । ସେ ଯାହା ହେଉ ନା କାହିଁକି ତାହା ଥିଲା ସେହି ଅହେମଦୀମାନଙ୍କ ଭାବପ୍ରବଣତା ସେ ଯାହା ହେଉ ମୁଁ କିଛି ସମୟ ପରେ ସେମାନଙ୍କୁ ନୀରବ ରହିବାପାଇଁ କହିଲି ଏବଂ କହିଲି କି ବସି ଯାଆନ୍ତୁ ତେବେ ଶତାଧିକ ସଂଖ୍ୟାରେ ଯେଉଁ ଅହେମଦୀମାନେ ସେଠାରେ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ନୀରବ ହୋଇ ବସିପଡ଼ିଲେ । ଏହା ଥିଲା ସେମାନଙ୍କର ଖିଲାଫତ ସହିତ ସମ୍ପର୍କ ।

***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୬, ପୃ-୧୯୧-୧୯୨)***

ପୃଥିବୀବାସୀ ଆମେରିକା ସମ୍ପର୍କରେ ଏକ ମତ ପୋଷଣ କରନ୍ତି ଯେ, ସେଠାରେ କେବଳ ଭୌତିକବାଦ ଚିନ୍ତାଧାରର ଲୋକେମାନେ ବସବାସ କରନ୍ତି ଏବଂ ସେମାନଙ୍କର ଧର୍ମ ସହିତ ଖୁବ୍ କମ୍ ସମ୍ପର୍କ ରହିଛି । ହଜ୍‌ରତ୍ ଖଲିଫତୁଲ୍ ସାଲିସ୍ ର:ଅ ମଧ୍ୟ ନିଜର ଏକ ଘଟଣାର ଚର୍ଚ୍ଚା କରି କହିଛନ୍ତି ଯେ ତାଙ୍କୁ କେଉଁଭଳି ଭାବରେ ଏକ ଆତଙ୍କିତ ଭରା ପତ୍ର ମିଳିଥିଲା । ଅର୍ଥାତ ଆକ୍ରମଣର ସମ୍ଭାବନା ରହିଥିଲା । ଉକ୍ତ ପତ୍ର ସମ୍ପର୍କରେ ଯେତେବେଳେ କଥା ପଦାକୁ ଆସିଲା ସେତେବେଳେ ସେଠାକାର ଦୁଇଜଣ ଅଭିଜ୍ଞ ଅହେମଦୀ ଅଙ୍ଗରକ୍ଷୀ ରହିଥିଲେ ସେମାନେ ନିଜେ ଆସି ହଜୁରଙ୍କ ସେବାରେ ପହଂଚିଲେ ଏବଂ ଅହରାତ୍ର ବାହାରେ ପହରା ଦେଲେ । ତେବେ ସେ ଯାହା ହେଉ ନା କାହିଁକି ଆମେରୀକା ବାସୀଙ୍କଠାରେ ମଧ୍ୟ ନିଷ୍ଠା ଭରି ରହିଛି । ଯେତେବେଳେ ବି ମୁଁ ସେଠାକୁ ଯାଇଛି ସେମାନେ ସର୍ବଦା ନିଷ୍ଠା ଓ ବିଶ୍ୱସ୍ତତାର ଭାବ ପ୍ରଦର୍ଶନ କରିଥାନ୍ତି । ଏଠାକୁ ଅର୍ଥାତ ଲଣ୍ଡନକୁ ମଧ୍ୟ ଆମେରୀକାର ପ୍ରତିନିଧିମଣ୍ଡଳ ଆସନ୍ତି ସେମାନେ ମଧ୍ୟ ଏହି କଥା ପରିପ୍ରକାଶ କରନ୍ତି ଯେ କେଉଁ ଭଳି ଭାବରେ ସେମାନଙ୍କର ଖିଲାଫତ ସହିତ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ରହିଛି ଏବଂ ସେମାନଙ୍କ କର୍ମ ଏହିକଥାକୁ ଖଣ୍ଡନ କରେ ଯେ ସେମାନେ କେବଳ ସାଂସାରିକ ମୋହମାୟାରେ ଛନ୍ଦି ହୋଇ ଯାଇନାହାନ୍ତି । ଯୁବା ବୟସରେ ଯୁବକମାନେ ସ୍ଥାୟୀ ରୂପେ ମୋ ସହିତ ଡ୍ୟୁଟି ଦେଇ ନିଜର ସମୟ କାଳତିପାତ କରିଛନ୍ତି । ଏମାନେ ନିଜର ବ୍ୟବସାୟ ବାଣିଜ୍ୟ ଚାକିରିକୁ ଜଳାଞ୍ଜଳି ଦେଇ ଏଥିପ୍ରତି ଭ୍ରୁକ୍ଷେପ ନ କରି ଯାତ୍ରାରେ ମୋ ସହିତ ରହିଥାନ୍ତି । ସେମାନଙ୍କ ମଧ୍ୟରୁ ଏଭଳି ବ୍ୟକ୍ତିମାନେ ମଧ୍ୟ ରହିଥିଲେ ଯେଉଁମାନେ କହିଲେ କି ଆମମାନଙ୍କର ନୂଆ ନୂଆ ଚାକିରି ଲାଗିଛି ଏବଂ ଆମମାନଙ୍କୁ ଜଲ୍‌ସାରେ ଆପଣଙ୍କ ସହିତ ସାକ୍ଷାତ ପାଇଁ ଛୁଟି ନ ମିଳିବାରୁ ଆମେମାନେ ଚାକିରି ହିଁ ଛାଡ଼ି ଚାଲିଆସିଛୁ ।

***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୧୦, ପୃ-୪୨୪)***

ସେହିପରି କାନାଡ଼ାର ଖୁଦାମ୍ ରହିଛନ୍ତି ସେମାନଙ୍କର ମଧ୍ୟ ସମାନ ବ୍ୟବହାର ରହିଛି । ଯୁବକମାନେ କୁହନ୍ତି ଯୁବକ ହୁଅନ୍ତୁ ଅବା ପିଲାମାନେ ହୁଅନ୍ତୁ ଅବା ମହିଳାମାନେ ହୁଅନ୍ତୁ ପୃଥିବୀରେ ଯେ କୌଣସି ସ୍ଥାନ ହେଉନା କାହିଁକି ସେ କାନାଡ଼ା ହେଉ ଅବା ୟୁରୋପ ହେଉ ଅବା ଅନ୍ୟ କୌଣସି ରାଷ୍ଟ୍ର ସବୁସ୍ଥାନରେ ନିଷ୍ଠା ଓ ବିଶ୍ୱସ୍ତତାର ଅଭୁତପୂର୍ଣ୍ଣ ଉଦାହରଣ ଲୋକମାନେ ପ୍ରଦର୍ଶନ କରିଥାନ୍ତି । ତେଣୁ ଏହି ନିଷ୍ଠା ଓ ବିଶ୍ୱସ୍ତତା କୌଣସି ମନୁଷ୍ୟକୃତ ଚେଷ୍ଟା ଦ୍ୱାରା ସୃଷ୍ଟି କରାଯାଇପାରିବ ନାହିଁ । କିଛି ବର୍ଷ ପୂର୍ବେ ଜର୍ମାନୀରେ ମୁଁ ଏକ ଖୁତ୍‌ବା ଦେଇଥିଲି । ସେହି ଖୁତ୍‌ବାରେ ମୁଁ କେବଳ ଖଲିଫାଙ୍କ ସହିତ ଖିଲାଫତର ସହିତ ଆଜ୍ଞାନୁବର୍ତ୍ତିତା ଓ ବିଶ୍ୱସ୍ତତାର ବିଷୟ ବର୍ଣ୍ଣନା କରିଥିଲି ଏବଂ ସେହି ଖୁତ୍‌ବା କେବଳ ଜର୍ମାନୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ବରଂ ତାହା ପ୍ରତ୍ୟେକ ଅହେମଦୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା କିନ୍ତୁ ସେଠିକାର ପରିସ୍ଥିତି ଯୋଗୁଁ କେତେକ ଉଦାହରଣ ମୁଁ ଜର୍ମାନୀରେ ଦେଇଦେଇଥିଲି । ସେ ଯାହା ହେଉ ନା କାହିଁକି ଏହାପରେ ସାରା ପୃଥିବୀର ଅହେମଦୀମାନଙ୍କ ତରଫରୁ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏବଂ ତ୍ୱରାନ୍ୱିତ ଭାବରେ ଖିଲାଫତର ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଓ ବିଶ୍ୱସ୍ତତାର ପ୍ରଦର୍ଶନ ଅହେମଦୀମାନଙ୍କ ତରଫରୁ ଦେଖିବାକୁ ମିଳିଥିଲା । ଜର୍ମାନୀବାସୀମାନେ ମଧ୍ୟ ଏହିପରି ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲେ ବିଶେଷ କରି ସେହି କଥା ଉପରେ ଅହେମଦୀମାନେ ପ୍ରତିକ୍ରିୟା ପ୍ରକାଶ କଲେ ଯେ ଆମମାନଙ୍କ ମଧ୍ୟରୁ କେତେକ ପଦାଧିକାରୀମାନେ ହଜୁରଙ୍କର ଆଦେଶର ଅର୍ଥ ଏବଂ ସ୍ୱଷ୍ଟକ୍ତି କରିବାକୁ ଲାଗନ୍ତି ଏବଂ କୁହନ୍ତି ଯେ ଇନ୍‌ଶାଅଲ୍ଲାଃ ଆଗକୁ ଏପରି ହେବ ନାହିଁ । ଅଲ୍ଲାଃ କରନ୍ତୁ କି ସେମାନେ ଏହି କଥା ଉପରେ ଅଟଳ ରୁହନ୍ତୁ ଏବଂ ପୃଥିବୀର ସମସ୍ତ ଦେଶରେ ଏହିଭଳିଭାବରେ ଅହେମଦୀମାନେ ନିଜ କଥାରେ ଅଟଳ ରୁହନ୍ତୁ ।

***(ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୧୨, ପୃ-୩୬୯)***

ଉର୍ଦ୍ଧୁନ୍‌ରୁ କାସିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସତ୍ୟତାର ସର୍ବ ସୁନ୍ଦର ଓ ଭବ୍ୟ ପ୍ରମାଣ ହେଉଛି ଯେ ଅଲ୍ଲାଃ ତାଲା ଖିଲାଫତର ପ୍ରେମ ଓ ଆଜ୍ଞାନୁବର୍ତ୍ତିତା ମୋ ହୃଦୟରେ ସ୍ୱୟମ ସୃଷ୍ଟି କରିଦେଇଛନ୍ତି । ସେ କୁହନ୍ତି ଯେ କିଛି ବର୍ଷ ପୂର୍ବେ ମୁଁ ବୟତ ର ନିଷ୍ପତି ନେଲି । ଯେତେବେଳେ ମୁଁ ଭାବିଲି ଯେ କଣ ପ୍ରକୃତରେ ଯମାତ୍ ବର୍ତ୍ତମାନ ସୁଦ୍ଧା ସତ୍ୟ ଉପରେ ଆଧାରିତ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମିଶନକୁ ଆଗେଇ ନେବାପାଇଁ ଉତରତର ପଥରେ ଆଗେଇ ଚାଲିଛି ଅବା ନୁହେଁ । ମତେ ସେ ପର୍ଯ୍ୟନ୍ତ ଖିଲାଫତ ସମ୍ପର୍କରେ କୌଣସି ଜ୍ଞାତ ନଥିଲା । ପ୍ରତିଉତରରେ ଅଲ୍ଲାଃ ତାଲା ସ୍ୱପ୍ନ ମାଧମରେ ମତେ ଦେଖାଇଲେ ଯେ ଖଲିଫତୁଲ୍ ମସିହ୍ ସୌହାର୍ଦ୍ଧ୍ୟତା ଓ ଶାନ୍ତିର ପ୍ରଚାର ପ୍ରସାର କରୁଛନ୍ତି ଏବଂ କଳହପ୍ରୀୟଙ୍କ ମଧ୍ୟରେ ନ୍ୟାୟ ବିଚାର କରୁଛନ୍ତି । ସେ ଏହି ଘଟଣା ସମ୍ପର୍କରେ ମତେ ପତ୍ର ମାଧମରେ ଜଣାଇଲେ ଯେ, ମୁଁ ମୋ ହାତକୁ ଆପଣଙ୍କ ହାତରେ ରଖିଲି ଏବଂ ମୁଦ୍ରିକାକୁ ଚୁମ୍ବନ କଲି । ସେତେବେଳେ ମୁଁ ହଜ୍‌ରତ୍ ଅ:ବ:ଅଙ୍କ କୃପା ଓ ଦୟାକୁ ଅନୁଭବ କଲି ଏବଂ ମୋ ମନରେ ଆପଣଙ୍କ ପ୍ରତି ଅସାଧାରଣ ପ୍ରେମଭାବ ସୃଷ୍ଟି ହୋଇଗଲା ଯାହାକି ଦିନକୁ ଦିନ ବର୍ତ୍ତମାନ ବୃଦ୍ଧି ପାଇଚାଲିଛି । ମୁଁ ନୂତନ ରୂପେ ଆପଣଙ୍କର ବୟତ କରିବାକୁ ଚାହୁଁଛି ଏବଂ ଆପଣଙ୍କର ଆଜ୍ଞାମୁଳକ ପରିଧିରୁ ବର୍ହିଗତ ଥିବା ବ୍ୟକ୍ତିଙ୍କ ଠାରୁ ଅନାଶକ୍ତଭାବ ପ୍ରଦର୍ଶନ କରୁଅଛି ।" ***(ଜଲ୍‌ସା ସାଲାନା ବ୍ରିଟେନ୍ ୨୦୧୭ର ଦ୍ୱିତୀୟ ଦିନର ଅଭିଭାଷଣ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ୬ ଏପ୍ରିଲ ୨୦୧୮, ପୃ-୧୫)***

ପୁନଶ୍ଚ ବୁଲ୍‌ଗେରିଆ ନାମକ ଏକ ଦେଶ ରହିଛି ଯେଉଁଠି ଆମ ଅହେମଦୀମାନଙ୍କ ବିରୋଧି ରହିଛନ୍ତି ସେମାନେ ବିରୋଦ୍ଧର କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ । ବର୍ତମାନ ଏକ ଦୀର୍ଘ ଅବଧିପରେ ଯମାତ୍‌ର ପଞ୍ଜୀକରଣ ହୋଇଛି । ଥରେ ତ ପଞ୍ଜିକରଣ ବାତିଲ ହୋଇଯାଇଥିଲା କେତେକ ଅହେମଦୀ ବ୍ୟକ୍ତି ବିଶେଷଙ୍କୁ ଉକ୍ତ ବୁଲ୍‌ଗେରିଆରେ ମୁଫ୍‌ତି ଲୋଭ ଇତ୍ୟାଦି ଦେଖାଇ ଯମାତ୍‌ଠାରୁ ଦୁରେଇ ଯିବାପାଇଁ ମଧ୍ୟ କହିଥିଲେ । କିନ୍ତୁ ଅଲ୍ଲାଃ ତାଲାଙ୍କ କୃପାରୁ ସମସ୍ତ ଅହେମଦୀମାନେ ନା କେବଳ ବିଶ୍ୱାସରେ ଅଟଳ ରହିଲେ ବରଂ ପୂର୍ବ ଅପେକ୍ଷା ଅଧିକ ନିଷ୍ଠାମୁଳକ ଉଦାହରଣ ପ୍ରଦର୍ଶନ କରୁଛନ୍ତି ଏବଂ ଖିଲାଫତେ ଅହେମଦୀୟା ସହିତ ବିଶ୍ୱସ୍ତତାର ସମ୍ପର୍କକୁ ପ୍ରମାଣିତ କରିଚାଲିଛନ୍ତି । ଜଣେ ଭଦ୍ର ମହିଳା ଥିଲେ ତାଙ୍କ ନିକଟକୁ ତିନିଜଣ ବ୍ୟକ୍ତି ଗଲେ ଏବଂ ତାଙ୍କୁ ଯମାତ୍ ବିରୋଧରେ କଥା କହି ତାଙ୍କୁ ଯମାତ୍‌ରୁ ଓହୋରି ଯିବାପାଇଁ ତଥା ନିଜ ସହିତ ସାମିଲ ହେବାପାଇଁ ପ୍ରବର୍ତାଇଲେ ଏବଂ କହିଲେ ଆମେମାନେ ଏହି କାର୍ଯ୍ୟରେ ଆପଣଙ୍କୁ ସହଯୋଗ କରିବୁ କିନ୍ତୁ ପ୍ରତି ଉତରରେ ସେହି ଭଦ୍ର ମହିଳାଜଣକ ଚିତ୍କାର କରି କହିଲେ ଯେ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

ଯମାତ୍ ଅହେମଦୀୟା ସତ୍ୟ ଓ ବାସ୍ତବିକ ଇସ୍‌ଲାମ୍ ଏବଂ ମୁଁ ନିଜ ଖଲିଫାଙ୍କୁ ସାକ୍ଷାତ କରିଆସିଛି ଏବଂ ଏହାଠୁ ବି ଅଧିକ ଅଲ୍ଲାଃ ତାଲା ମତେ ତିନୋଟି ସ୍ୱପ୍ନ ଦେଖାଇଛନ୍ତି ଏବଂ କହିଛନ୍ତି ଯେ, ଏହି ଯମାତ୍ ସତ୍ୟ ଯମାତ୍ ତେଣୁ ବର୍ତ୍ତମାନ ଏହି ଯମାତ୍‌କୁ ଛାଡ଼ିବାର ତ କୌଣସି ପ୍ରଶ୍ନ ହିଁ ଉଠୁନାହିଁ । **(ଉଦ୍‌ଜାପନି ଭାଷଣ ଜଲ୍‌ସା ସାଲାନା ଜର୍ମାନୀ ୩୦ ଜୁନ୍ ୨୦୧୩, ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଖଣ୍ଡ-୨୦, ସଂଖ୍ୟା-୪୪, ୧ ନଭେମ୍ବର ୨୦୧୩, ପୃ-୧୪)**

ବେନିନ୍‌ର ମୁବଲିଗ୍ ଇନଚାର୍ଜ ସାହେବ ଉଲ୍ଲେଖ କରିଛନ୍ତି ଯେ ନୂତନ ରୂପେ ଦୀକ୍ଷା ହୋଇଥିବା ଅହେମଦୀମାନଙ୍କ ଜଲ୍‌ସାରେ ରଜ୍ଜାକ୍ ସାହେବ ନାମକ ଜଣେ ନବାଗତ ଅହେମଦୀ ନୂତନ ଦୀକ୍ଷିତ ଅହେମଦୀମାନଙ୍କର ପ୍ରତିନିଧିତ୍ୱ କରି କହିଲେ ଯେ ସାଂସାରିକ ବ୍ୟବସ୍ଥାରେ ଯଦି କୌଣସି ବ୍ୟକ୍ତିଙ୍କୁ ସମସ୍ୟା ରହିଛି ତେବେ ସେ ବିଭାଗୀୟ ମୁଖ୍ୟଙ୍କ ନିକଟକୁ ଯାଇଥାଏ । ଯଦି ତାହା ଦ୍ୱାରା ସମସ୍ୟାର ସମାଧାନ ନ ହୁଏ ତେବେ ସେ ତହସିଲ୍‌ଦାରଙ୍କ ନିକଟକୁ ଯାଏ ପୁନଶ୍ଚ ଯଦି ତାହାଙ୍କ ଦ୍ୱାରା ସମସ୍ୟାର ସମାଧାନ ନ ହେଲା । ତେବେ ସେ ମେୟରଙ୍କ ନିକଟକୁ ଯାଏ ଏହାପରେ ସେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଯାଏ । ତଥା ପରିଶେଷରେ ସେ ରାଷ୍ଟ୍ରପତିଙ୍କ ନିକଟକୁ ଯାଇଥାଏ ଏବଂ ତାହା ମଧ୍ୟ ଜଣା ନଥାଏ ଯେ ତାହାର କଥା ପ୍ରତି କର୍ଣ୍ଣପାତ କରାଯିବ କି ନାହିଁ କିମ୍ବା ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯିବ କି ନାହିଁ । କିନ୍ତୁ ଯମାତ୍ ଅହେମଦୀୟାର ବ୍ୟବସ୍ଥା ତ ଅଭିନବ ଓ ଚମତ୍କୃତ । ଯମାତ୍ ଅହେମଦୀୟା ନିକଟରେ ତ ଖଲିଫା ରହିଛନ୍ତି ଯିଏ କି ପ୍ରତ୍ୟେକଙ୍କର ଭାଷା ବୁଝନ୍ତି ଏବଂ ପ୍ରତ୍ୟେକ ବର୍ଣ୍ଣ ଓ ଜାତିକୁ ସମ୍ମାନ ଦୃଷ୍ଟିରେ ଦେଖନ୍ତି । ସେ କୁହନ୍ତି ଏହା ଖିଲାଫତ ଅହେମଦୀୟାର ହିଁ ବରକତ୍ ଯେ ଆମେମାନେ କୁରାନ୍ ପଢ଼ିବାକୁ ଲାଗିଗଲୁଣି ଏବଂ ସେହି ଇସ୍‌ଲାମ୍ ଯାହାକୁ ହଜରତ୍ ମୁହମ୍ମଦ ମସ୍ତଫା ସ:ଆ:ସ ନେଇ ଆସିଥିଲେ ତାହା ଆଜି ଆମ ପାଖରେ ପହଂଚିଯାଇଛି ।

ଫ୍ରାନ୍ସର ଲୈଲା ସାହିବା ନାମକ ଜଣେ ମହିଳା କୁହନ୍ତି ଯେ, ମୁଁ ୨୦୧୭ ମସିହାରେ ବୟତ କରିଥିଲି । ପ୍ରତ୍ୟେକ ଦିନ ସକାଳେ ମୁଁ ଆପଣଙ୍କ ପତ୍ରକୁ ପଢୁଛି ଯାହାକି ମୋ ଜୀବନର ଗତିପଥକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଇଛି ଆପଣଙ୍କ ଦୀର୍ଘାୟୁ, ସୁରକ୍ଷା ନିମନ୍ତେ ତଥା ସାହାଯ୍ୟ ପାଇଁ ସମସ୍ତ ନମାଜରେ ମୁଁ ଦୁଆ କରୁଅଛି ବର୍ତ୍ତମାନ ଏହି ଦୁଆର ତହ୍‌ରିକ୍ ଅର୍ଥାତ ଆହ୍ୱାନ ମଧ୍ୟ ଅଲ୍ଲାଃ ତାଲାଙ୍କ ତରଫରୁ ସୃଷ୍ଟି ହୋଇଛି । ବୟତ ପରେ ମୁଁ ଏକ ନୂତନ ମନୁଷ୍ୟ ପାଲଟି ଯାଇଛି ।

ମାଲି ରିଜନ୍‌ର ସାନ୍‌ଠାରେ ମୁତୟନ ଥିବା ମୁବଲିଗ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଆମର ଏକ ଯମାତ୍ ଓଲନ୍ ର ଜଣେ ପ୍ରତିନିଧି ଅବ୍‌ଦୁର୍ ରହ୍‌ମାନ କୋଳିବାଲି ସାହେବ ଅଟନ୍ତି, ତାଙ୍କର ଦେହାନ୍ତ ଘଟିଲା କିଛି ସମୟ ପୂର୍ବେ ସେ ନିଜର ସନ୍ତାନମାନଙ୍କୁ ଏକତ୍ରିତ କରି ନିଜ ଇଚ୍ଛା ପତ୍ର ଶୁଣାଇଲେ କି ଯଦି ମୁଁ ଯୁବକ ହୋଇଥାନ୍ତି ଏବଂ ଚଲାବୁଲା କରିପାରୁଥାନ୍ତି । ତେବେ ମୁଁ ଯମାତ୍‌ର ମିଶନ୍‌ରେ ଯାଇ ବସିପଡ଼ନ୍ତି ଏବଂ ଯମାତ୍ ମତେ ଯେଉଁ କାର୍ଯ୍ୟରେ ନିୟୋଜିତ କରନ୍ତା ମୁଁ ତାହା ସମ୍ପାଦନ କରନ୍ତି ଏବଂ ତତ୍‌ସହିତ ସେ ନିଜର ସନ୍ତାନମାନଙ୍କୁ ଉପଦେଶ ଦେଇ କହିଲେ ଯେ ତାଙ୍କର ଦୁଇମାସର ଚାନ୍ଦା ବାକି ରହିଯାଇଛି । ଜୀବନର କିଛି ଭରସା ନାହିଁ ଆଜି ଅଛି କାଲି ନାହିଁ କିନ୍ତୁ ସେହି ଚାନ୍ଦା ନିଶ୍ଚିତରୂପେ ପଇଠ ହୋଇଯାଉ କାରଣ ମୁଁ ଋଣି ଅବସ୍ଥାରେ ଏହି ସଂସାରରୁ ବିଦାୟ ନେବାକୁ ଚାହେଁ ନାହିଁ । ସେ ନିଜ ସନ୍ତାନମାନଙ୍କୁ ତୃତିୟ ଉପଦେଶ ଦେଲେ କି ଖିଲାଫତ ପ୍ରତି ସଦେବ୍ ବିଶ୍ୱସ୍ତ ରହିବ ଏବଂ ତାହା ସହିତ କେବେ ହେଲେ ବିଶ୍ୱାସ ଘାତକତା କରିବ ନାହିଁ ଏବଂ ସର୍ବଦା ନିଜର ଚାନ୍ଦା ପଇଠ କରୁଥିବ ।

ଗାମ୍ବିୟାର ଅମୀର ସାହେବ୍ ଉଲ୍ଲେଖ କରନ୍ତି ଯେ ରହ୍‌ମତ୍ ଜାଲୁ ସାହିବା ନାମକ ଜଣେ ଭଦ୍ର ମହିଳା ଅଟନ୍ତି ସେ ବୟତ କରନ୍ତି ଯେତେବେଳେ ତାଙ୍କୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ତ୍ୟାଗ ସମ୍ପର୍କରେ କୁହାଗଲା ସେତେବେଳେ ସେ ସେହି ସମୟରେ ହିଁ ଶହେ ଡ଼ାଲାସି ଅର୍ଥାତ ଗାମ୍ବିୟା ମୁଦ୍ରା ପଇଠ କରିଦେଲେ । ତାଙ୍କର ଏକ ଛୋଟିଆ ଦୋକାନ ରହିଛି । ସେ ନିଜର ସାମର୍ଥ୍ୟଠାରୁ ଅଧିକ ଚାନ୍ଦା ଦିଅନ୍ତି ଏବଂ ଏକଦା କହିବାକୁ ଲାଗିଲେ ଯେ ମୁଁ ତ କେବଳ ଅଲ୍ଲାଃଙ୍କ ଓ ଖଲିଫାଙ୍କ ପ୍ରେମ ଚାହୁଁଛି ଏହା ହିଁ ସେହି ପ୍ରେମ ଓ ଭାବମୟ ସମ୍ପର୍କ ଓ ଅଲ୍ଲାଃ ତାଲାଙ୍କ ପାଇଁ ତ୍ୟାଗ ।

ତାଜାକିସ୍ତାନର ଇଜତ୍ ଅମାନ ସାହେବ ନାମକ ଜଣେ ବ୍ୟକ୍ତି ରହିଛନ୍ତି । ସେ କୁହନ୍ତି ଯେ ମୋ ମାତାଙ୍କର ବୟସ ପାଖାପାଖି ୭୨ ବର୍ଷ ସେ ଭୀଷଣରୂପେ ଅସୁସ୍ଥ ହୋଇପଡ଼ିଲେ ସେ ବହୁ ବର୍ଷ ଆରମ୍ଭରୁ ହିଁ ହୃଦଘାତ ସମସ୍ୟା ଓ ମସ୍ତିଷ୍କ ଚାପ ଯୋଗୁଁ ଅସୁସ୍ଥ ରହୁଥିଲେ । କିନ୍ତୁ ଏହି ଅସୁସ୍ଥତା ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅବନତୀ ଦେଖାଦେଲା ଏବଂ ଡ଼ାକ୍ତରଙ୍କ କଥାରୁ ମୋର ପରିଜନ ମଧ୍ୟରେ ହତୋତ୍ସାହିତ ବ୍ୟାପି ଯାଇଥିଲା । ସେ କୁହନ୍ତି ଯେ ମୋର ସେତେବେଳେ ଖଲିଫତୁଲ୍ ମସିହିଙ୍କ ସହିତ ସାକ୍ଷାତ ହେଲା ସେହି ସାକ୍ଷାତ ଏବଂ ସମ୍ପର୍କ ଯୋଗୁଁ ମୋର ବିଶ୍ୱାସ ଥିଲା କି ମୁଁ ଦୁଆ ପାଇଁ କହିବି ତ ଅଲ୍ଲାଃ ତାଲା ନିଶ୍ଚିତ ସ୍ୱୀକାର କରିବେ । ସେ କୁହନ୍ତି ଯେ ସେ ଯାହା ହେଉ ନା କାହିଁକି ମୁଁ ଯେତେବେଳେ ଖଲିଫାଙ୍କ ନିକଟକୁ ଦୁଆପାଇଁ ପତ୍ର ଲେଖିଲି ସେତେବେଳେ ଦୁଆ ସହିତ ମତେ ହଜୁର ହୋମିଓପାଥି ମଧ୍ୟ ପ୍ରଦାନ କଲେ । ମୋର ମାତା ତାହା ସେବନ କରି ସୁସ୍ଥ ହୋଇଗଲେ ଏବଂ ଯେତେବେଳେ ସେ ହଜୁରଙ୍କ ନିକଟକୁ ସେ ପତ୍ର ଲେଖିଲେ ସେତେବେଳେ ତାଙ୍କ ମାତାଙ୍କର ବୟସ ପାଖାପାଖି ୭୨ ବର୍ଷ ହୋଇଥିଲା । ବର୍ତ୍ତମାନ ତାଙ୍କୁ ୭୯ ବର୍ଷ ବୟସ ଏବଂ ବର୍ତ୍ତମାନ ସେ ହଜ୍ ତୀର୍ଥପାଇଁ ମଧ୍ୟ ମନବଳାଇଛନ୍ତି । ସୁତରାଂ ଏହା ଖଲିଫାଙ୍କ ସହିତ ସମ୍ପର୍କ ଏବଂ ଖଲିଫାଙ୍କ ଦୁଆର ପରିଣାମ ଯେ ଅଲ୍ଲାଃ ତାଲା ତାଙ୍କ ମାତାଙ୍କୁ ନବଜୀବନ ପ୍ରଦାନ କରିଛନ୍ତି । ଅଲ୍ଲାଃ ତାଲା ବିଶ୍ୱାସ ଓ ଆସ୍ଥା ଜାତ କରିବାପାଇଁ ଏକ ଦୃଶ୍ୟ ଅବଲୋକନ କରାନ୍ତି ସେ କୁହନ୍ତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ କଥା କହିଥିଲେ ଯେ ସେ ଅଲ୍ଲାଃ ତାଲାଙ୍କ ତରଫରୁ ଥିଲେ ତାହା ସମ୍ପୂର୍ଣ୍ଣରୂପେ ସତ୍ୟ ।

ତାହେର୍ ନଦିମ୍ ସାହେବ ଏକ ଅହେମଦୀ ବାଳକର ଖିଲାଫତ ସହିତ ପ୍ରେମର ଘଟଣା ସମ୍ପର୍କରେ ଉଲ୍ଲେଖ କରନ୍ତି ଯେ ତାଙ୍କୁ ତୁର୍କୀର ଯାତ୍ରା ସମୟରେ ଜଣେ ଅହେମଦୀ ଘରକୁ ଯିବାର ସୁଯୋଗ ମିଳିଲା । ଉକ୍ତ ଘରେ ସେ ବସିଥିଲେ କି ତାଙ୍କର ତିନି ଚାରିବର୍ଷର ଏକ ଶିଶୁ ଆସିଲା ଏବଂ ସଲାମ୍ କରି ମୋ କାନରେ କିଛି ଗୁଣୁଗୁଣୁ ହୋଇ କହିବାକୁ ଲାଗିଲା କି ମତେ ହଜୁରଙ୍କ ନିକଟକୁ ପତ୍ରଟିଏ ପଠାଇବାର ଅଛି ଦୟା କରି ଆପଣ ନେଇ ଯାଇପାରିବେ କି, ମୁଁ କହିଲି ନିଶ୍ଚିତ କାହିଁକି ନୁହେଁ ପ୍ରତିଉତ୍ତରରେ ସେହି ବାଳକଟି ଓଲଟା ସିଧା ଦୁଇ ଦାଡ଼ି ରେଖା ଟାଣି ନେଇ ଆସିଲା । ମୁଁ ତାକୁ ପଚାରିଲି ଯେ ପତ୍ରରେ କଣ ଲେଖିଲ ? ସେହି ବାଳକଟି ଉତ୍ତର ଦେଲା ଯେ, ହଜୁର ମୁଁ ଆପଣଙ୍କୁ ଭଲପାଏ । ସେ କୁହନ୍ତି ଯେ ମୁଁ ଏହି ପତ୍ର ଏଠାରେ ଦେଇଦେଲି ଅର୍ଥାତ ହଜୁରଙ୍କୁ ସେ ପ୍ରେରଣ କରିଦେଲେ ଏବଂ ହଜୁରଙ୍କ ତରଫରୁ ଏହାର ଉତ୍ତର ମଧ୍ୟ ତାଙ୍କ ନିକଟକୁ ଚାଲିଗଲା । ତେବେ ଯେତେବେଳେ ସେହି ବାଳକଟିକୁ ଉତ୍ତର ମିଳିଲା ସେତେବେଳେ ତା ପିତାଙ୍କ କହିବା ଅନୁଯାୟୀ ତା'ର ଓ ପରିବାରର ଅନେକ ସଦସ୍ୟଙ୍କର ଆନନ୍ଦ ଦେଖିବାର ଯୋଗ୍ୟ ଥିଲା ।

ସେହିପରି ମେସିଡ଼ୋନିଆର ମୁବଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଏବଂ ଏକ ଛୋଟ ବାଳକର ଉଦାହରଣ ଦେଇ କୁହନ୍ତି ଯେ ବିଗତ ଦିନରେ ମୁଁ ବୋସନିଆ ଯାତ୍ରାରେ ଥିଲି ଏହି ସମୟରେ ମୋର ଜଣେ ପାକିସ୍ତାନିୟ ବନ୍ଧୁ ସହିତ ସାକ୍ଷାତ ହୋଇଥିଲା । ତବ୍‌ଲିଗ୍ ଆଳାପ ମଧ୍ୟ ହେଲା ସାକ୍ଷାତ ଭେଟ ଓ ପରସ୍ପର ସହ ପରିଚୟ ଭାବ ବିନିମୟ ଜାରି ରହିଲା । ସେ କହିଲେ କି କିଛି କାଳ ପୂର୍ବେ ଦୁବାଇ ବିମାନବନ୍ଦରରେ ତାଙ୍କର ସାକ୍ଷାତ ଏକ ପରିବାର ସହ ହୋଇଥିଲା । ଯାହାଙ୍କର ଏକ ତିନି ଚାରିବର୍ଷୀୟ ବାଳିକା କହୁଥିଲା ଯେ ଆମ ସମସ୍ତଙ୍କୁ ନମାଜ ପଢ଼ିବାକୁ ଉଚିତ, ସତ କହିବା ଉଚିତ, ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ, ସେହି ପରିବାର ଯମାତ ଅହେମଦୀୟା ସହିତ ସମ୍ପର୍କ ରଖିଛି ସେତେବେଳେ ମୁଁ ସେହି ବାଳିକାକୁ ପ୍ରଶ୍ନ କଲି ଯେ, ତୁମ ଜୀବନରେ ସବୁଠୁ ବଡ଼ ଅଭିଳାଷା ଓ ଆକାଂକ୍ଷା କଣ ରହିଛି ? ପ୍ରତି ଉତ୍ତରରେ ସେ ବାଳିକା କହିବାକୁ ଲାଗିଲା ଯେ ମୁଁ ପ୍ରୀୟ ହଜୁର ସ:ଆ:ସଙ୍କୁ ଲଣ୍ଡନରେ ସାକ୍ଷାତ କରିବାକୁ ଚାହୁଁଛି । ମୁବଲିଗ୍ ସାହେବ କୁହନ୍ତି ସେହି କଥାଟି ମୋ ମନରେ ଗଭୀର ଭାବରେ ପ୍ରଭାବ ପକାଇଥିଲା । ଏତେ କମ୍ ବୟସର ଛୁଆ ଏଭଳି ସୁନ୍ଦର ଅଭିଳାଷା ନିଜ ମନ ଭିତରେ ପୋଷଣ କରିବସିଛି କି ହଜୁରଙ୍କୁ ଭେଟିବି ହଜୁରଙ୍କ ସହିତ ସାକ୍ଷାତ କରିବି ।

ସେହିପରି ଆଜିକାଲି ଛୋଟ ପିଲାମାନଙ୍କର ଏକ ଗେମ୍‌ସ ଅର୍ଥାତ କ୍ରୀଡ଼ାର ଆପ୍ (App) ତାହା ନ ଖେଳିବା ପାଇଁ ମୁଁ ନିର୍ଦ୍ଦେଶ ଦେଲି ଯେ ଏହି କ୍ରୀଡ଼ା ଖେଳିବା ଅନୁଚିତ ଏହା ଦ୍ୱାରା ବେଳେବେଳେ ବଦ୍‌ଭ୍ୟାସ

---

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟଙ୍କୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ପଡ଼ିଯାଇଥାଏ । ଏବେ ଅଭିଭାବକ ମାନେ ପ୍ରଥମେ ତ ଚିନ୍ତିତ ଥିଲେ କି ସେମାନେ କିପରି ନିଜ ପିଲାମାନଙ୍କୁ ଏଥିରୁ ରୋକିବେ । କିନ୍ତୁ ଅଭିଭାବକମାନେ ମତେ ପତ୍ର ଲେଖିଲେ ଯେ ହଜୁର ଆପଣଙ୍କ ଖୁତ୍‌ବା ଶୁଣିବା ପରଠାରୁ ପିଲାମାନେ ନିଜେ ଆସି ଆମକୁ କହିଲେ ଯେ, ଖଲିଫାଙ୍କ ତରଫରୁ ଏହି ଗେମ୍ ସଂକ୍ରାନ୍ତରେ ଆଦେଶ ଜାରି ହୋଇଛି ଏହି ଗେମ୍ ଖେଳିବା ଅନୁଚିତ ତେଣୁ ଆମେ ଖେଳିବୁ ନାହିଁ ଏବଂ ବର୍ତମାନ ମଧ୍ୟ ଅନେକ ପତ୍ର ମୋ ହସ୍ତଗତ ହେଉଅଛି ଯେଉଁଥିରେ ଲୋକମାନେ ଉଲ୍ଲେଖ କରୁଛନ୍ତି କଣ ଆମେମାନେ ଏହି ଗେମ୍ ଆପ୍‌କୁ ଏତେ ସମୟ ପର୍ଯ୍ୟନ୍ତ ଖେଳିପାରିବୁ କି ? ଅର୍ଥାତ ସେମାନଙ୍କ ମଧ୍ୟରେ ଏହିଭାବ ରହିଛି ଯେ ଖଲିଫାଙ୍କ ସହିତ ଯେଉଁ ସମ୍ପର୍କ ରହିଛି ଏହି କାରଣରୁ ଆମମାନଙ୍କୁ ବିଶ୍ୱାସଘାତକତା କରିବା ଅନୁଚିତ ଏବଂ ସେହି କାମ କରିବା ଉଚିତ ଯାହା ଖଲିଫା ଆମମାନଙ୍କର ମଙ୍ଗଳକାମନା କରୁଛନ୍ତି ।

ହଣ୍ଡୁରାସ୍‌ର ମୁବ୍‌ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ ଜଣେ ସ୍ଥାନିୟ ଅହେମଦୀ ପର୍ସି ମୋରିଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ଥିଲେ ତାଙ୍କର ଅବସ୍ଥାକୁ ଦେଖି ମୁଁ କହିଲି ନିଜ ସମସ୍ୟାକୁ କେନ୍ଦ୍ରକରି ହଜୁରଙ୍କ ନିକଟକୁ ପତ୍ର ଲେଖନ୍ତୁ । ଯେତେବେଳେ ସେ ପତ୍ର ଲେଖିବା ଆରମ୍ଭ କଲେ ତେବେ ଅନେକ ଲୋକ କହିଲେ ଯେ ତାଙ୍କର ସମସ୍ୟାକୁ ଆପେଆପେ ସମାଧାନ ହେବାକୁ ଲାଗିଛି । ସେ କୁହନ୍ତି କି ମତେ ଏଭଳି କହିବା ଦ୍ୱାରା ଅର୍ଥାତ ଖଲିଫାଙ୍କ ନିକଟକୁ ପତ୍ର ଲେଖିବା ଯୋଗୁଁ ଏକ ଅଦୃଶ୍ୟ ଶକ୍ତି ପ୍ରାପ୍ତ ହୋଇଛି ଏବଂ ଖଲିଫାଙ୍କ ଉପରେ ମୋର ବିଶ୍ୱାସ ଓ ଭରସା ମଧ୍ୟ ବଢ଼ିଯାଇଛି ।

ମରାକିଶ୍‌ରୁ ଇଫାରି ସାହେବ କୁହନ୍ତି ଯେ ଅଲ୍ଲାଃ ତାଲା ମୋର ହୃଦୟକୁ କରୁଣା ଓ ବରକତ ଦ୍ୱାରା ପରିପୂର୍ଣ୍ଣ କରିଦେଇଛନ୍ତି । ଅଲ୍ଲାଃ ତାଲାଙ୍କର ଅନୁଗ୍ରହ ରହିଛି ଯେ ସେ ମତେ ସତ୍‌ପଥ ଏବଂ ସତ୍‌ମାର୍ଗ ଦେଖାଇଛନ୍ତି । ଆପଣଙ୍କୁ ଦେଖି ମୁଁ ସଂଜ୍ଞାହରା ହୋଇବସିଛି । ଏକ ଅଦ୍ଭୁତପୂର୍ବ ପରିବର୍ତନ ଓ ବିଚିତ୍ର ଅନୁଭବ ହେବାକୁ ଲାଗୁଛି । ନା ମୁଁ କେବେ ଆପଣଙ୍କ ସହିତ ବସିଛି ନା ହିଁ ମୁଁ ଆପଣଙ୍କ ସହିତ କଥାବାର୍ତା ହୋଇଛି । ନିଃସନ୍ଦେହ ଏହା ଅଲ୍ଲାଃ ତାଲାଙ୍କର ଅଦୃଶ୍ୟ ଶକ୍ତି ଓ ପ୍ରକୃତ ପ୍ରେମ । ଅଲ୍ଲାଃ ତାଲା ଆପଣଙ୍କୁ ସାହାଯ୍ୟ ସହଯୋଗ କରନ୍ତୁ । ଆମିନ୍

ପୁନଶ୍ଚ ୟମନ୍‌ରୁ ଇମାନ୍ ସାହିବା କୁହନ୍ତି ଯେ ମୁଁ ହଜୁର ସ:ଆ:ସଙ୍କୁ ମୋ ସନ୍ତାନ, ପରିବାର ଓ ସମସ୍ତ ଲୋକଙ୍କଠାରୁ ବି ଅଧିକ ଭଲପାଏ । ହଜୁର ଅ:ବ:ଅ ପ୍ରେମ ମୋ ପାଇଁ ତୃପ୍ତି ଓ ହର୍ଷସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ମୋର ଆଶା ସଂଚାର ହୋଇଥାଏ ଯେ ଇନ୍‌ଶାଅଲ୍ଲାଃ ଅବସ୍ଥା ସୁଧୁରିଯିବ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆବିର୍ଭାବ ହେବା ଓ ତାଙ୍କ ପରେ ଖିଲାଫତ ଏଥିପାଇଁ ସ୍ଥାପିତ ହୋଇଛି ଯେ ଦ୍ୱନ୍ଦ ଓ କଳହର ସଂହାର ହେବ ଏବଂ ଆମମାନଙ୍କର ଦୁଃଖ କଷ୍ଟ ପୃଥିବୀରୁ ଲାଘବ ହେବ । ମନରେ ଏକ ନୂତନ ଆଶା ସଂଚାର ହେବ ମୋର ଅବସ୍ଥା ତ ଏପରି ରହିଛି ଯେପରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଥିଲେ ଯେ ହେ ଈଶ୍ୱର ଯଦି ଆପଣ ଆମମାନଙ୍କଠାରୁ କ୍ଷୁବ୍ଧ ନାହ ତେବେ ଆମକୁ କୌଣସି କଥାର ଚିନ୍ତା ନାହିଁ । ଅଲ୍ଲାଃ ତାଲାଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଯେ ମୁଁ ସେହି ସୌଭାଗ୍ୟଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ରହେ ଯେଉଁମାନଙ୍କୁ ଆପଣ ଭଲପାଆନ୍ତି ଏବଂ ଯାହାଙ୍କ ପତ୍ନୀ ଓ ସନ୍ତାନମାନଙ୍କଠାରୁ ଆପଣ ପ୍ରସନ୍ନ ହୁଅନ୍ତି ।

ଟ୍ୟୁନୁସ୍‌ରୁ ତୌଫିକ୍ ସାହେବ ଉଲ୍ଲେଖ କରନ୍ତି ଯେ ଆମମାନଙ୍କୁ ଆପଣଙ୍କ ସହିତ ପ୍ରେମ ରହିଛି ଏବଂ ଆମେମାନେ ଆପଣଙ୍କ ନୌକାରେ ଆରୋହଣ କରୁଅଛୁ ଏବଂ ଆପଣଙ୍କ ଛତ୍ରଛାୟା ତଳେ ଅଛୁ । ଆମେମାନେ ସଂସ୍କାରୀ ହେଲୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଝର ଆଧାତ୍ମିକ ଜଳପାନ କଲୁ । ଆମେମାନେ ନିଜ ଶପଥ ଉପରେ ଅଟଳ ଅଛୁ ଆପଣଙ୍କ ସହିତ ଯୋଡ଼ି ହେବା ବିନା ଆମର ସଂସ୍କାର ହୋଇପାରିବ ନାହିଁ । ଆମେମାନେ ସଂସ୍କାର ଚାହୁଁ ନା କି ସଂସାର ଆମର କାମନା ବା ଅଭିଳାଷା । ଆମେମାନେ କେବଳ ଏତିକି କାମନା କରୁ କି ଆମମାନଙ୍କ ବିଷୟରେ ଏହା କୁହାଯାଉ ଯେ ଏହି ଯମାତ୍‌ର ଅନୁକରଣ ତଥା ବରକତ୍ ଯୋଗୁଁ ଅମୁକ ବ୍ୟକ୍ତି ସଫଳ ହୋଇଯାଇଛି । ଆମମାନଙ୍କୁ ନିଜ ଶପଥ ଉପରେ ଅଟଳ ରହିବାପାଇଁ ଏବଂ ତଦନୁଯାୟୀ କାର୍ଯ୍ୟ କରିବାପାଇଁ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ମୁସଲମାନମାନଙ୍କ ଏକତା ପାଇଁ ପ୍ରାର୍ଥନା କରିବାକୁ ନିବେଦନ କରୁଅଛି ।

ସେ ଯାହା ହେଉ ନା କାହିଁକି ଏହା ହେଉଛି କେତେକ ଉଦାହରଣ ଯାହାକୁ ମୁଁ ଆପଣମାନଙ୍କ ଆଗରେ ଉପସ୍ଥାପନ କଲି । ଯାହା ଏହା ସ୍ୱଷ୍ଟ କରୁଅଛି ଯେ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ଅଲ୍ଲାଃ ତାଲା ସୃଷ୍ଟି କରିଛନ୍ତି ଏବଂ ଏହାକୁ ସଂସାରର କୌଣସି ଶକ୍ତି ଛଡ଼ାଇ ନେଇପାରିବ ନାହିଁ । ହଜ୍‌ରତ୍ ମସିହ ମଉଦ ଆ:ସ କହିଛନ୍ତି ଯେ, ଅଲ୍ଲାଃ ତାଲାଙ୍କର ପ୍ରତିଶୃତିକୁ ତୁମେମାନେ ପୂର୍ଣ୍ଣ ହେଉଥିବାର ଲକ୍ଷ୍ୟ କରିବାକୁ ପାଇବ । ଅଲ୍ଲାଃ ତାଲା ସେଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଏମ୍‌ଟିଏ ବିଷୟରେ ମଧ୍ୟ ମୁଁ ଏହି ଘୋଷଣା କରିବାକୁ ଚାହେଁ ଯେ, ଅଲ୍ଲାଃ ତାଲାଙ୍କର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ଏକ ପ୍ରତିଶୃତି ଥିଲା ଏବଂ ଅଲ୍ଲାଃ ତାଲା କହିଥିଲେ ଯେ, **"ମୈଁ ତେରି ତବ୍‌ଲିଗ୍ କୋ ଦୁନିଆ କେ କିନାରୋଁ ତକ ପହଁଚାଉଗାଁ"** ସେ ଯାହା ହେଉନା କାହିଁକି ୨୭ ମେ ରୁ ଖିଲାଫତ ଦିବସରେ ଏକ ନୁତନ ସଂସ୍କରଣ ଏବଂ ନୂଆ ରୂପରେ ଏହି ଚ୍ୟାନେଲ ଗୁଡ଼ିକ ଆରମ୍ଭ ହେବ । ଏହାର ବିସ୍ତୃତ ବିବରଣୀ ମୁଁ ବର୍ଣ୍ଣନା କରିଦେଉଛି । ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ବିଶେଷ କରି ଆମେରିକାର କେତେକ ସ୍ଥାନରେ କିଛି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥିଲା କିନ୍ତୁ ବର୍ତମାନ ଆଶା କରେ କି ତାହା ସମାଧାନ ହୋଇସାରିଥିବ । ସେ ଯାହା ହେଉ ନା କାହିଁକି ଏହି ଯମାତ୍ ସହିତ ଯାହା ଆରମ୍ଭ ହୋଇଛି ତାହା ମୁଁ ନିମ୍ନରେ ଆଲୋଚନା କରିଦେଉଛି ଯେ ବିଭିନ୍ନ ଅଂଚଳକୁ ଦୃଷ୍ଟିରେ ରଖି ଏମ୍.ଟି.ଏ କୁ ଆଠଟି ଚ୍ୟାନେଲରେ ବିଭକ୍ତ କରାଯାଇଛି ସେ ଗୁଡ଼ିକ ମଧ୍ୟରେ ଏମ୍‌ଟିଏ ୱାନ୍ ଏହି ଚ୍ୟାନେଲ ପ୍ରାୟତଃ ୟୁକେ ଓ ୟୁରୋପରେ କେତେକ ଅଂଚଳରେ ଦର୍ଶକଙ୍କ ପାଇଁ ପ୍ରଜୁଯ୍ୟ ହେବ । ଏହି ଚ୍ୟାନେଲର ମୁଖ୍ୟ ଭାଷାଗୁଡ଼ିକ ହେବ ଉର୍ଦ୍ଦୁ ଓ ଇଂରାଜୀ ଉକକ୍ତ ଚ୍ୟାନେଲ ରେ ହିଁ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ କାର୍ଯ୍ୟକ୍ରମମାନ ପ୍ରସାରଣ କରାଯିବ । ସେହିପରି ଅନ୍ୟ କେତେକ ଭାଷାରେ ଥିବା କାର୍ଯ୍ୟକ୍ରମମାନ ମଧ୍ୟ ଇଂରାଜୀ ଓ ଉର୍ଦ୍ଦୁ ଭାଷା ସହିତ ପ୍ରସାରିତ ହେବ । ମୋର ଲାଇଭ୍ ରେକର୍ଡ଼ିଙ୍ଗ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି ଚ୍ୟାନେଲରେ ପ୍ରସାରଣ କରାଯିବ ।

ଦ୍ୱିତୀୟରେ ଏମ୍.ଟି.ଏ ୨ ୟୁରୋପ, ଏହି ଚ୍ୟାନେଲ ୟୁରୋପ ଓ ମଧ୍ୟ ଏସୀୟ ଦେଶର ଦର୍ଶକଙ୍କ ପାଇଁ ପ୍ରଜୁଯ୍ୟ ହେବ । ଏହି ଚ୍ୟାନେଲ ଉର୍ଦ୍ଦୁ, ଇଂରାଜୀ, ଫ୍ରେଂଚ, ସ୍ପେନ୍, ସ୍ପେନିଅ, ଜର୍ମାନୀ, ଡଚ୍, ରସିଆନ୍, ପ୍ରାନ୍ସିସ ଭଳି ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ଏହି ଚ୍ୟାନେଲରେ ବିଭିନ୍ନ ଭାଷାଭାଷୀଙ୍କର ଦୁଇ ଘଂଟାର ସର୍ଭିସ ଚାଲିଥାଏ । ଉପରୋକ୍ତ ଭାଷାଭାଷୀଙ୍କର କାର୍ଯ୍ୟକ୍ରମର ଏହିପରି ଭାବରେ ଅତିରିକ୍ତ କାର୍ଯ୍ୟକ୍ରମ ରହିଛି ।

ତୃତୀୟରେ ଏମ୍.ଟି.ଏ ୩ ଅଲ୍‌ଆରବିୟା ଏହି ଚ୍ୟାନେଲ ପୂର୍ବବତ୍ ଜାରି ରହିଥିବ ଯେପରି ପୂର୍ବରୁ ଅଭ୍ୟାହତ ରହିଅଛି । ଉକ୍ତ ଚ୍ୟାନେଲର ମୁଖ୍ୟ ଭାଷା ଆରବୀ ଅଟେ ।

ଚତୁର୍ଥରେ ଏମ୍.ଟି.ଏ ୪ ଆଫ୍ରିକା ଏହି ଚ୍ୟାନେଲ ପୂର୍ବ ଆଫ୍ରିକା ଓ ପଶ୍ଚିମ ଆଫ୍ରିକା ମହାଦେଶର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ଉକ୍ତ ଚ୍ୟାନେଲର ମୁଖ୍ୟ ଭାଷା ଇଂରାଜୀ, ଫ୍ରେଂଚ ଓ ସୱାହେଲି ହେବ ଏବଂ ଏହି ଭାଷାର କାର୍ଯ୍ୟକ୍ରମଗୁଡ଼ିକ ଏହି ଭାଷାରେ ପ୍ରସାରିତ ହେବ ।

ଏମ୍.ଟି.ଏ ୫ ଆଫ୍ରିକା ଏହି ଚ୍ୟାନେଲ ପଶ୍ଚିମ ଆଫ୍ରିକା ମହାଦେଶର ଦର୍ଶକଙ୍କ ପାଇଁ ପ୍ରଜୁଜ୍ୟ ହେବ । ଉକ୍ତ ଚ୍ୟାନେଲର ମୁଖ୍ୟ ଭାଷା ହେଉଛି ଇଂରାଜୀ ଏହା ବ୍ୟତିତ କିୟୋଲ୍, ହାଉସା ଏବଂ ଛୁଇ, ୟୁରୋବା ଭାଷାରେ ଥିବା କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ପ୍ରସାରିତ ହେବ ।

ଏମ୍.ଟି.ଏ ୬ ଏସିୟା ଏହି ଚ୍ୟାନେଲ ଏସିୟା ସ୍ୱାଟ୍‌ରେ ଉପଲବ୍ଧ ହେବ ଏବଂ ଏସିୟା, ଫାର୍ ଇଷ୍ଟ, ଇଣ୍ଡୋନେସିଆ ଜାପାନ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଓ ରଷ୍ ଆଦି ଦେଶମାନଙ୍କ ପାଇଁ ପ୍ରଜୁଜ୍ୟ ହେବ । ଉକ୍ତ ଚ୍ୟାନେଲ ରେ ମୁଖ୍ୟ ଭାଷା ହେଉଛି ଇଂରାଜୀ, ଉର୍ଦ୍ଦୁ ଓ ଇଣ୍ଡୋନେସିଆ ଭାଷା । ଉକ୍ତ ଚ୍ୟାନେଲରେ ଉର୍ଦ୍ଦୁ, ଇଂରାଜୀ, ବାଙ୍ଗଲା, ପୁସ୍ତ, ସିନ୍ଧି, ସରାଇକି, ଫାର୍ସୀ, ଇଣ୍ଡୋନେସିଆନ୍ ଓ ରଷିଆ ଭାଷାରେ କାର୍ଯ୍ୟକ୍ରମମାନ ପ୍ରସାରଣ ହେବ । ପୂର୍ବେ ମଧ୍ୟ ଏହିପରି ହେଉଥିଲା କିନ୍ତୁ ଏହାକୁ ସାମାନ୍ୟ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ବିଭକ୍ତ କରିଦିଆଯାଇଛି । ସେହିପରି ସମୟ ଅନୁଯାୟୀ ସମ୍ବନ୍ଧିତ ଦେଶଗୁଡ଼ିକୁ ସେମାନଙ୍କ କାର୍ଯ୍ୟକ୍ରମ ବିବରଣୀ ସମ୍ପର୍କରେ ଆଗୁଆ ସୁଚିତ କରିଦିଆଯିବ ।

ଏମ୍.ଟି.ଏ ୭ ଏସିୟା ଏହି ଚ୍ୟାନେଲ ହେଉଛି ସମ୍ପୁର୍ଣ୍ଣରୂପେ ଏଚ୍.ଡ଼ି ଚ୍ୟାନେଲ ଏହା ଛୋଟ ଡ଼ିସ୍ ଉପରେ ଉପଲବ୍ଧ ଅଟେ । ଉକ୍ତ ଚ୍ୟାନେଲ ଇଣ୍ଡିଆ, ପାକିସ୍ତାନ, ବାଲାଂଦେଶ, ଶ୍ରୀଲଙ୍କା ଓ ନେପାଳ ଆଦି ଦେଶର ଦର୍ଶକମାନଙ୍କ ପାଇଁ ପ୍ରଜୁଜ୍ୟ ହେବ । ଉକ୍ତ ଚ୍ୟାନେଲର ଭାଷାଗୁଡ଼ିକ ହେଲା ଉର୍ଦ୍ଦୁ, ବାଙ୍ଗଲା, ହିନ୍ଦୀ ଏତଦ୍‌ବ୍ୟତିତ ଚ୍ୟାନେଲର ତାଲିମ, ମାଲାୟାଲାମ ଆଦି ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

ଏମ୍.ଟି.ଏ ୮ ଆମେରିକା ଉକ୍ତ ଚ୍ୟାନେଲ ଆମେରିକାର ଉତର କାନାଡ଼ା ଆଦି ଅଂଚଳର ଦର୍ଶକଙ୍କ ପାଇଁ ପ୍ରଜୁଜ୍ୟ ହେବ । ପୂର୍ବରୁ ମଧ୍ୟ ଏହି ଚ୍ୟାନେଲ କାର୍ଯ୍ୟକ୍ଷମ ଥିଲା । ବର୍ତମାନ ଏହାର କାର୍ଯ୍ୟକ୍ରମରେ ସାମାନ୍ୟ କେତେକ ପରିବର୍ତନ କରାଯାଇଛି । ସେ ଯାହା ହେଉ ନା କାହିଁକି ପ୍ରକୃତରେ ଏହି ସମସ୍ତ ଚ୍ୟାନେଲ ଗୁଡ଼ିକ ସେହିପରି ଜାରି ରହିଛି ଯେଉଁଭଳି ପୂର୍ବେ ଜାରି ରହିଥିଲା ।

ଏମ୍.ଟି.ଏ ୮ ଆମେରିକା ଯେଉଁ ଭଳି ନାମକରଣ ହୋଇଛି ତହିଁରେ ଉତର ଆମେରିକା ଓ କାନାଡ଼ା ଆଦି ଦେଶର ଦର୍ଶକଙ୍କ ପାଇଁ ଏହି ଚ୍ୟାନେଲର କାର୍ଯ୍ୟକ୍ରମ ଦେଖିବା ପ୍ରଜୁଜ୍ୟ ହେବ । ଉକ୍ତ ଚ୍ୟାନେଲର ମୁଖ୍ୟ ଭାଷାଗୁଡ଼ିକ ହେଉଛି ଇଂରାଜୀ ଓ ଉର୍ଦ୍ଦୁ ଏହା ବ୍ୟତିତ ଫ୍ରେଂଚ, ସ୍ପେନିଅ ଆଦି ଭାଷାରେ ମଧ୍ୟ କାର୍ଯ୍ୟକ୍ରମମାନ ପ୍ରସାରଣ କରାଯିବ । ଏମ୍.ଟି.ଏ ର ସିଧାସଳଖ ପ୍ରସାରଣ ନିମ୍ନଲିଖିତ ବିଭିନ୍ନ ଚ୍ୟାନେଲରେ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରସାରଣ କରାଯିବ । ଯଥା ରାହେ ହୁଦା, ଅଲ୍ ହୱାରୁଲ୍ ମୁବାଶିର୍, ବାଙ୍ଗଲା ପ୍ରୋଗ୍ରାମ ଆଦି ଏମ୍.ଟି.ଏ ର ସମସ୍ତ ଚ୍ୟାନେଲରେ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ଅନୁବାଦ ଉକ୍ତ ଚ୍ୟାନେଲର ମୁଖ୍ୟ ଭାଷା ସହିତ ପ୍ରସାରଣ କରାଯିବ ଏବଂ ପୁନଶ୍ଚ ଏମ୍.ଟି.ଏ ଜର୍ନାଲ (Journal) ଇସ୍‌ଲାମିୟ ସେଇଷ୍ଟିନ୍ (Sesiyetin) ହେଉଛି ଜର୍ମାନୀ ଶବ୍ଦ ତାହା ଏମ୍.ଟି.ଏ ୨ ୟୁରୋପ ରେ ପ୍ରସାରିତ ହେବ । ହରାଇ ଜିନ୍ଦେ ଇସ୍‌ଲାମ୍ (Horizen de Islam) କାର୍ଯ୍ୟକ୍ରମ ଏମ୍.ଟି.ଏ ୧, ଏମ୍.ଟି.ଏ୨ ୟୁରୋପ, ଏମ୍.ଟି.ଏ ୪ ଆଫ୍ରିକା, ଏମ୍.ଟି.ଏ ୫ ଆଫ୍ରିକା ଆଦି ଚ୍ୟାନେଲରେ ପ୍ରସାରଣ କରାଯିବ । ମୁଖ୍ୟ ଭାଷା ସହିତ ଫ୍ରେଂଚ ଭାଷାର ମଧ୍ୟ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହାର ଅନୁବଦା ସଙ୍ଗେ ସଙ୍ଗେ ଆସୁଥିବ ଏବଂ ସେହିପରି ଇନ୍‌ତେଖାବେ ସୁଖନ୍ ଆଦି ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ରହିଛି ତାହା ମଧ୍ୟ ଏମ୍.ଟି.ଏ ୧ ରେ ଏମ୍.ଟି.ଏ ୨ ୟୁରୋପ, ଏମ୍.ଟି.ଏ ୬ ଏସିୟା ଏବଂ ଏମ୍.ଟି.ଏ ୭ ଏସିୟାରେ ପ୍ରସାରିତ ହେବ ।

ସେ ଯାହା ହେଉ ନା କାହିଁକି ଏଥିରେ ଚ୍ୟାନେଲ ଅନୁଯାୟୀ ଏବଂ ଅନ୍ୟ କେତେକ ସେଟିଙ୍ଗ୍‌ସରେ ମଧ୍ୟ ସାମାନ୍ୟ ପରିବର୍ତନ କରାଯାଇଛି । କିନ୍ତୁ କୌଣସି ସାମୁହିକ ପରିବର୍ତନ ହୋଇନାହିଁ କି ହେବ ନାହିଁ । କାରଣ ଉକ୍ତ ଚ୍ୟାନେଲ ଗୁଡ଼ିକ ପୂର୍ବରୁ ଚାଲି ରହିଛି । ସେହିପରି ଚ୍ୟାନେଲ ଗୁଡ଼ିକର ନାମାନୁଯାୟୀ ଏପରି ନାମକରଣ କରାଯାଇଛି । ତେବେ ଯେଉଁ ବ୍ୟବସ୍ଥା ହୋଇଛି ଅର୍ଥାତ ଏମ୍.ଟି.ଏର ଅଲ୍ଲାଃ ତାଲା ତହିଁରେ ଆଶିଷ ପ୍ରଦାନ କରନ୍ତୁ ଏବଂ ପୂର୍ବାପେକ୍ଷା ଆହୁରି ଅଧିକା ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପଂହଚାଇବା ପାଇଁ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.5 Thursday 02 July 2020 Issue No. 27**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

## ୮ ଜୁଲାଇ ୨୦୧୯ (ସୋମବାର)ର ରିପୋର୍ଟ

## ବୁଲ୍‌ଗାରିଆ ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାରର ବଳକାଅଂଶ

ଏହାପରେ ପ୍ରୋଗ୍ରାମ ମୁତାବକ ବୁଲ୍‌ଗାରିଆ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ଠିକ୍ ୬:୪୫ ମିନିଟରେ ହଜୁର ଅନୱର ଅ:ବ:ଅ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ଏ ବର୍ଷ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେବାପାଇଁ ବୁଲ୍‌ଗାରିଆରୁ ୪୯ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ସାମିଲ ହୋଇଥିଲା । ସେଥିରେ ୧୫ଜଣ ଅହେମଦୀ ଏବଂ ୩୪ ଜଣ ଅଣଅହେମଦୀ ଓ ଇସାଇମାନେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ୧୬ ଜଣ ଆକାଶପଥ ଜରିଆରେ ଓ ୩୩ଜଣ ସଦସ୍ୟ ବସ୍ ଯୋଗେ ୩୦ ଘଂଟାରୁ ଅଧିକ ସମୟ ଯାତ୍ରା କରି ଜଲ୍‌ସା ସାଲାନାରେ ଯୋଗ ଦେଇଥିଲେ ।

ବୁଲ୍‌ଗାରିଆ ୱଫଦ୍‌ରେ ସାମିଲ ହୋଇଥିବା ଜଣେ ମହିଳା Temenyika Korcheva ସାହିବା ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି ଯେ, ମୁଁ ଜଲ୍‌ସା ସାଲାନାରେ ଦେଖିବାକୁ ପାଇଲି ଯେ, ଏଠାରେ ସାରା ଦୁନିଆରୁ ବହୁତ ଲୋକ ଆସିଛନ୍ତି ଓ ଗୋଟିଏ ସ୍ଥାନରେ ଏକାଠି ହୋଇଛନ୍ତି ଓ ଏମାନେ ସମସ୍ତେ ଖୁଦାତାଲାଙ୍କର ଗୁଣଗାନ କରିବାରେ ଲାଗି ରହିଥିଲେ । ଜଲ୍‌ସାରେ ହୋଇଥିବା ଭାଷଣଗୁଡ଼ିକରେ ବହୁତ ସୁନ୍ଦର ବାର୍ତାଗୁଡ଼ିକ ଶୁଣିବାକୁ ମିଳିଲା । ଯାହାର ଆବଶ୍ୟକତା ଆଜି ମାନବଜାତି ପାଇଁ ବହୁତ ରହିଛି ।

ମୁଁ ଜଲ୍‌ସାରେ ଏହା ମଧ୍ୟ ଦେଖିବାକୁ ପାଇଲି ଯେ, ଛୋଟ ଛୋଟ ପିଲାମାନଙ୍କୁ ଆରମ୍ଭରୁ ହିଁ ପରିଶ୍ରମ କରିବାର କାର୍ଯ୍ୟ ଶିଖାଯାଉଥିଲା । ଯେମିତି କି ସେମାନେ ଆମକୁ ପାଣି ପିଆଉଥିଲେ ଇତ୍ୟାଦି, ଏହି ଜଲ୍‌ସା ମତେ ବହୁତ ଭଲ ଲାଗିଲା ଓ ମୋର ଏ ଆନ୍ତରିକ ଇଚ୍ଛା ଯେ, ଆସନ୍ତା ଥରକୁ ମଧ୍ୟ ମୁଁ ଏଠାକୁ ନିଶ୍ଚିତରୂପେ ଆସିବି ।

ପ୍ରତିନିଧିମଣ୍ଡଳରେ ସାମିଲ ହୋଇଥିବା ଆଉ ଜଣେ ମହିଳା । ଗାଲିଆ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ଜଲ୍‌ସା ସାଲାନା ଜର୍ମାନୀରେ ତିନିଦିନ ଯାକ ସାମିଲ ହୋଇଛି । ମୁଁ ଜଲ୍‌ସାରେ ହୋଇଥିବା ଅତିଥିପରାୟଣତା ଓ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ସେହିପରି ମୁଁ ସେହି ସମସ୍ତ ଚରିତ୍ୱବାନ୍ ଓ ପୂଣ୍ୟ ଇଚ୍ଛା ରଖିଥିବା ଲୋକମାନଙ୍କଠାରୁ ମଧ୍ୟ ବହୁତ ପ୍ରଭାବିତ ହୋଇଛି । ଯେଉଁମାନଙ୍କ ସହିତ ମୁଁ ଏହି ଜଲ୍‌ସା ଅବସରରେ ମିଶିଛି । ଏତଦ୍‌ବ୍ୟତିତ ଜଲ୍‌ସାରେ ପାଠ କରାଯାଉଥିବା ନଜମ୍ ଗୁଡ଼ିକ ମତେ ବହୁତ ଭଲ ଲାଗିଲା ଓ ସେ ସବୁର ବୁଲ୍‌ଗାରିଆନ୍ ଭାଷାରେ ଅନୁବାଦ ମଧ୍ୟ ବହୁତ ଭଲ ଲାଗିଲା ।

ୱଫଦ୍‌ରେ ସାମିଲ ହୋଇଥିବା ଜଣେ ଇସାଇ ମହିଳା Yulia Zlatanova ସାହିବା କହୁଛନ୍ତି , ମୁଁ ଏକଥାକୁ ଭାବି ବହୁତ ଭାବବିହ୍ୱଳ ହୋଇଯାଉଛି ଯେ ମୁଁ ମଧ୍ୟ ଅହେମଦୀୟା ଜଲ୍‌ସାରେ ଏହି ହଜାର ହଜାର ଯୋଗ ଦେଇଥିବା ଲୋକମାନଙ୍କ ସହିତ ସାମିଲ ହୋଇପାରିଛି । ଅବଶ୍ୟ ମୁଁ ହେଉଛି ଜଣେ ଇସାଇ କିନ୍ତୁ ହଜୁରଙ୍କ ଅଭିଭାଷଣ ମତେ ବହୁତ ଭଲ ଲାଗିଲା । ହଜୁରଙ୍କ ଦୁଆ ହୃଦୟ ଉପରେ ପ୍ରଭାବ ପକାଉଥିଲା । ତିଲାୱତେ କୁର୍‌ଆନ୍ କରିମ୍ ମଧ୍ୟ ମତେ ବହୁତ ପସନ୍ଦ ଲାଗିଲା ଓ ତାହାର ଅନୁବାଦ ମଧ୍ୟ । ପ୍ରଶଂସା ଯୋଗ୍ୟ କଥା ହେଉଛି ଏହା କି, ଛାତ୍ରମାନଙ୍କୁ ପୁରସ୍କାର ଓ ମେଡ଼ାଲ ଦେବାପାଇଁ ଖଲିଫତୁଲ୍ ମସିହ୍ ସ୍ୱୟମଂ ଛିଡ଼ା ହୋଇଗଲେ । ମୋର ଏ ଆନ୍ତରିକ ଇଚ୍ଛା ଯେ, ହଜୁରଙ୍କର ସମସ୍ତ ଦୁଆ ଗ୍ରହଣୀୟ ହେଉ ଯଦ୍ୱାରା ସମସ୍ତ ଧର୍ମ ଭିତରେ ଓ ସାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେଉ ।

ବୁଲ୍‌ଗାରିଆନ୍ ୱଫଦ୍‌ର ଜଣେ ମହିଳା Krasrmira Manikatova ସାହିବା କହିଲେ, ମତେ ଜଲ୍‌ସା ସାଲାନା ଜର୍ମାନୀରେ ତୃତୀୟ ଥର ପାଇଁ ସାମିଲ ହେବାର ସୁଯୋଗ ମିଳିଛି ଏବଂ ପ୍ରତ୍ୟେକ ବର୍ଷ ମତେ ଏଠାରେ ନୂଆ ନୂଆ କଥା ଶିଖିବାକୁ ମିଳିଥାଏ । ମୁଁ ଭାଷଣଗୁଡ଼ିକ ବହୁତ ଧ୍ୟାନ ଦେଇ ଶୁଣେ । କାରଣ ମୁଁ ହେଉଛି ଜଣେ ଫିଜିଓଥେରାପିଷ୍ଟ ଓ ସାଇକୋଲଜିଷ୍ଟ । ମୁଁ ଏହି ଭାଷଣ ଗୁଡ଼ିକରେ ବତାଯାଇଥିବା ଯମାତ୍ ଅହେମଦୀୟାର ଶିକ୍ଷା ମାଧ୍ୟମରେ ନିଜର ପ୍ରତ୍ୟେକ ରୋଗୀଙ୍କର ସମସ୍ୟାଗୁଡ଼ିକୁ ସଠିକ୍ ରୂପେ ସମାଧାନ କରିପାରୁଛି । ଏତଦ୍‌ବ୍ୟତିତ ଏହି ଭାଷଣଗୁଡ଼ିକର ମେୁଁ ନିଜ ପାଇଁ ମଧ୍ୟ ଲାଭକାରୀ ଉପଦେଶଗୁଡ଼ିକୁ ଏକାଠି କରି ନେଇଯାଉଛି । ଯାହା ମୋର ନିଜସ୍ୱ ଓ ପ୍ରଫେସ୍‌ନାଲ ଜୀବନରେ ବହୁତ ସାହାଯ୍ୟ କରିଥାଏ । ସବୁଥରକ ପରି ଏଥର ମଧ୍ୟ ଜଲ୍‌ସାର ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲା ନାହିଁ ।

ବୁଲ୍‌ଗାରିଆନ୍ ୱଫଦ୍‌ର ଜଣେ ଇସାଇ ମହିଳା Ivanka Marinova ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମତେ ଜଲ୍‌ସା ସାଲାନା ଜର୍ମାନୀରେ ପ୍ରଥମଥର ଯୋଗ ଦେବାପାଇଁ ମୌକା ମିଳିଛି । ମୁଁ ସବୁ ଜିନିଷ ଏଠାରେ ଦେଖି ବାସ୍ତବିକ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛି । ବିଶେଷରୂପେ ସେହି ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପ୍ରଭାବିତ ହୋଇଛି ଯେଉଁମାନେ ଗ୍ଲାସ ଯୋଗେ ଆମମାନଙ୍କୁ ପାଣି ପିଇବାକୁ ଦେଉଥିଲେ । ଖାଦ୍ୟ ବହୁତ ଉଚ୍ଚକୋଟୀର ଥିଲା ଏବଂ ସ୍ୱାଦିଷ୍ଟ ତାଜା ଓ ଗରମ ଗରମ ପେଶ୍ କରାଯାଉଥିଲା । ଆମକୁ ବସ୍ ଦ୍ୱାରା ଯାତ୍ରା କରିବାରେ ଓ ହୋଟେଲ୍‌ରେ ରହିବା ସମୟରେ କୌଣସି ଅସୁବିଧା ହୋଇନାହିଁ । ଅବଶ୍ୟ ମୁଁ ହେଉଛି ଜଣେ ଇସାଇ କିନ୍ତୁ ଯମାତ୍ ଅହେମଦୀୟା ଦ୍ୱାରା ବହୁତ ପ୍ରଭାବିତ ହୋଇଛି ।

ଆଉ ଜଣେ ବନ୍ଧୁ Usman Mehmodov ସାହେବ କହୁଛନ୍ତି, ମୁଁ ଜଲ୍‌ସାର ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହେଲି । ଆପଣମାନଙ୍କର Reception (ସ୍ୱାଗତ ସମ୍ବର୍ଦ୍ଧନା) ଓ ସମସ୍ତ ବ୍ୟବସ୍ଥା ଦ୍ୱାରା ମୁଁ ବହୁତ ଖୁସି । ଏତଦ୍‌ବ୍ୟତିତ ହଜୁରଙ୍କ ଭାଷଣଗୁଡ଼ିକ ଯେଉଁଥିରେ ଧର୍ମର ସୁନ୍ଦରତା ବର୍ଣ୍ଣନା କରାଯାଇଥିଲା, ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ଆପଣମାନଙ୍କ ସାହାସକୁ ଦେଖି ଆଶ୍ଚର୍ଯ୍ୟ ଯେ କିଭଳି ଆପଣମାନେ ନିରାଶ୍ରୟ ଓ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି ।

ଏତଦ୍‌ବ୍ୟତିତ ମତେ ଷ୍ଟେଟ୍ ସେକ୍ରେଟାରୀ ସାହେବଙ୍କ ଭାଷଣ ମଧ୍ୟ ଭଲ ଲାଗିଲା । ଈଶ୍ୱର କରନ୍ତୁ ଯେ, ଏହିଭଳି ମନୋଭାବ ରଖିଥିବା ଲୋକମାନେ ମଧ୍ୟ ଜନ୍ମ ହୁଅନ୍ତୁ । ଫଳତଃ ଅଧିକରୁ ଅଧିକ ମସ୍‌ଜିଦ୍ ନିର୍ମାଣ ହୋଇପାରିବ ।

ବୁଲ୍‌ଗାରିଆନ୍ ୱଫଦ୍‌ରେ ସାମିଲ ହୋଇଥିବା ଜଣେ ମହିଳା Diana Denkova ସାହିବା କହୁଛନ୍ତି, ମୁଁ ଏହି ଜଲ୍‌ସାରେ ପ୍ରଥମଥର ସାମିଲ ହୋଇଛି । ଏଠାରେ ମତେ ସମସ୍ତ ବ୍ୟବସ୍ଥା ବହୁତ ଭଲ ଲାଗିଲା । ଯେତେବେଳେ ମୁଁ ଜଲ୍‌ସାଗାଃରେ ପହଂଚିଲି ବହୁତ ଆଶ୍ଚର୍ଯ୍ୟ ହୋଇଗଲି ଯେ କିଭଳି ହଜାର ହଜାର ଲୋକମାନଙ୍କ ପାଇଁ ସୁନ୍ଦର ବ୍ୟବସ୍ଥା କରାଯାଇଛି ଓ ତତ୍‌ସହିତ ସୁରକ୍ଷା ଦୃଷ୍ଟିକୋଣରୁ କେଡ଼େ ସୁନ୍ଦର ବ୍ୟବସ୍ଥା କରାଯାଇଛି । ସେହିପରି ମତେ ହଜୁର ଅନୱର ଅ:ବ:ଅଙ୍କ ଭାଷଣଗୁଡ଼ିକ ମଧ୍ୟ ବହୁତ ଭଲ ଲାଗିଲା । ମୁଁ ବିଶେଷରୂପେ ଏକଥାରେ ପ୍ରଭାବିତ ହେଲି ଯେ, ବିଦ୍ୟାର୍ଥୀମାନଙ୍କୁ ହଜୁର ସ୍ୱୟମଂ ସାର୍ଟିଫିକେଟ ଓ ମେଡ଼ାଲ ଦେଲେ । ମତେ ନଜମ୍‌ଗୁଡ଼ିକ ମଧ୍ୟ ବହୁତ ଭଲ ଲାଗିଲା । ମୋ ମତରେ ସମସ୍ତ ଲୋକମାନଙ୍କୁ ହଜୁରଙ୍କ ଦୁଆ ଉପରେ ଚିନ୍ତା କରିବା ଉଚିତ ଏବଂ ତା’ଉପରେ ପରିଚାଳିତ ହେବା ଉଚିତ । ଫଳତଃ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବ ।

ବୁଲ୍‌ଗାରିଆନ୍ ୱଫଦ୍‌ରେ ଆଉ ଜଣେ ମହିଳା Ruja Metodieva ସାହିବା କହୁଛନ୍ତି, ମୁଁ ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ଏବଂ ବିଶେଷରୂପେ ଏହା କହିବାକୁ ମୁଁ ଉଚିତ ମଣିବି ଯେ, ଏଥରକ ୟୁରୋପର ନୂଆ ନୂଆ ଦେଶଗୁଡ଼ିକରୁ ମଧ୍ୟ ମହିଳାମାନେ ଆସି ଜଲ୍‌ସାରେ ସାମିଲ ହୋଇଛନ୍ତି ।

ଏହି ୱଫଦ୍‌ରେ ସାମିଲ ଥିବା ଜଣେ ବନ୍ଧୁ Ognyan Manikatov ସାହେବ କହୁଛନ୍ତି, ଏଠିକାର ଲୋକମାନଙ୍କ ତରଫରୁ ଅତିଥିସତ୍କାର କରିବାର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ଜଲ୍‌ସାଗାଃର ହଲ୍ ଭିତରେ ମଧ୍ୟ ସମସ୍ତ ବ୍ୟବସ୍ଥାଗୁଡ଼ିକରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲା ନାହିଁ । ଏହି ତିନିଦିନରେ ଅନୁଷ୍ଠିତ ହୋଇଥିବା ଇଜ୍‌ଲାସ୍‌ଗୁଡ଼ିକ ବହୁତ ଭଲରେ ଭଲରେ ଅନୁଷ୍ଠିତ ହେଲା । ଏଥିରେ ହୋଇଥିବା ଭାଷଣଗୁଡ଼ିକ ବହୁତ ଶିକ୍ଷାପୂର୍ଣ୍ଣ ଥିଲା ଓ ଏଗୁଡ଼ିକୁ ବହତୁ ସୁନ୍ଦର ଶୈଳୀରେ ପ୍ରସ୍ତୁତ କରାଯାଇଥିଲା । ହଜୁରଙ୍କ ଭାଷଣଗୁଡ଼ିକ ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ଏବଂ ସେଥିରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତର ଅତ୍ୟନ୍ତ ମନମୁଗ୍ଧକାରୀ ଘଟଣାମାନ ଓ ଉଦାହରଣଗୁଡ଼ିକୁ ପେଶ୍ କରାଯାଇଥିଲା । ମୁଁ ଆପଣମାନଙ୍କ ଦ୍ୱାରା ହୋଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଓ ଉଚ୍ଚତମ ଚରିତ୍ର ଦ୍ୱାରା ବହୁତ ଆନନ୍ଦିତ ।

ୱଫଦ୍‌ର ଜଣେ ସଦସ୍ୟା Svetlena Pavlova ସାହିବା କହୁଛନ୍ତି ଯେ, ଏହି ଜଲ୍‌ସାରେ ସାମିଲ ହୋଇ ଏହା ଅନୁଭବ ହେଉଥିଲା ଯେ, ମୁଁ ଏକ ଆଧ୍ୟାତ୍ମିକ ଯାତ୍ରାରେ ସାମିଲ ହୋଇଛି । ଯାହ ମୋର ମନୋଭାବକୁ ଜୀବନ୍ତ କରିଦେଇଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍‌ଙ୍କ ଭାଷଣଗୁଡ଼ିକୁ ଶୁଣି ଏପରି ଲାଗିଲା ଯେ, ଯେମିତି ଅଲ୍ଲାଃ ତାଲାଙ୍କର ଅସ୍ତିତ୍ୱ ଅତି ନିକଟରେ ରହିଛି । ଏହି ଜଲ୍‌ସାରେ ଯୋଗ ଦେଇଥିବା ସମସ୍ତ ଲୋକମାନଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଦ୍ୟର ବ୍ୟବହାର କରୁଥିଲି ।

ଆଉ ଜଣେ ମହିଳା ଅତିଥି Miss Biserka Petrova Gramatikova ସାହିବା ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ମୁଁ ମୋ ବାପାଙ୍କ ସହିତ ଏହି ଜଲ୍‌ସାରେ ସାମିଲ ହେବାପାଇଁ ମନସ୍ଥ କଲି ସେତେବେଳେ ମନ ଭିତରେ ଏହା ଥିଲା ଯେ, ଏଠାରେ ଗୋଟିଏ ନୂଆ ଅନୁଭବ ହେବ କିନ୍ତୁ ଯେତେବେଳେ ସାମିଲ ହେଲି ସେତେବେଳେ ଅନୁଭବ ହେଲା ଯେ, ଏହା ତ ଅତ୍ୟନ୍ତ ସୁନ୍ଦର ଓ ବିଶେଷ ସୁଗୁଣରେ ପରିପୁର୍ଣ୍ଣ ଲୋକମାନଙ୍କର ଏକ ଏପରି ଗୋଷ୍ଠୀ ଯେଉଁଥିରେ ସବୁ ଲୋକମାନେ ପ୍ରେମ ଓ ସ୍ନେହର ସୁନ୍ଦର ଉଦାହରଣ । ହଜୁର ଅନୱର ଅ:ବ:ଅଙ୍କ ଭାଷଣରୁ ଏକଥା ସ୍ପଷ୍ଟ ଅନୁଭବ ହେଉଥିଲା ଯେ, ମୁସଲମାନମାନଙ୍କର ଗୋଟିଏ ବହୁତ ହିଁ ଛୋଟ ଅଂଶ ସନ୍ତ୍ରାସବାଦ କାର୍ଯ୍ୟକଳାପରେ ମାତିଛନ୍ତି ସେଥିଯୋଗୁଁ ମିଡ଼ିଆ ସବୁ ମୁସଲମାନମାନଙ୍କୁ ହିଁ ବଦନାମ କରିବାରେ ଲାଗି ରହିଛି । ଏହି ଜଲ୍‌ସାରେ ସାମିଲ ହେବା ମୋ ପାଇଁ ବହୁତ ସୁନ୍ଦର ଅନୁଭବ ଥିଲା ।

ୱଫଦ୍‌ର ଜଣେ ସଦସ୍ୟ Mr. Peter Gramatikov ସାହେବ ଯାହାଙ୍କର

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**